ନର୍ସରୀ ଟ୍ରେନିଂ ପ୍ଲାନ୍



AGRICULTURE ENTREPRENEURSHIP PROMOTION SCHEME

Department of Water Resources

ଉଦ୍ଭିଦ ପ୍ରସାରଣ ଓ ନର୍ସରୀ ଉଦ୍ୟୋଗ

ନର୍ସରୀର ପରିଚୟ

- ନର୍ସରୀ ଏକ ଇଂରାଜୀ ଶବ୍ଦ ମୂଳ ଶବ୍ଦ ହେଉଛି ନର୍ସ ଅର୍ଥାତ୍ ଉପଯୁକ୍ତ ସେବା ।
- ଯେଉଁ ସ୍ଥାନରେ ବିଶେଷ ଯତ୍ନ ନେଇ ବିଭିନ୍ନ ଉପାୟରେ ନୂଆ ଗଛ ସୃଷ୍ଟି କରିବା ସହ ଏମାନଙ୍କୁ ନିର୍ଦ୍ଦିଷ୍ଟ ଆକାର ହେବା ପାଇଁ ଉପଯୁକ୍ତ ସେବା ଯତ୍ନ କରାଯାଏ ତାକୁ ନର୍ସରୀ କୁହାଯାଏ ।
- ଫଳ ଚାଷ ପାଇଁ ମଞ୍ଜି ଗଛ, କଲମି ଗଛ, ପନିପରିବା ଚାଷ ପାଇଁ ସାଧାରଣ ପରାଗିତ ଗଛ, ହାଇବ୍ରିଡ ଗଛ ଓ କଲମି ଗଛର ପ୍ରସ୍ତୁତି । ଔଷଧୀୟ ଗଛର ଚାରା ପ୍ରସ୍ତୁତି, ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ, ଫୁଲ ଗଛ ମାନଙ୍କର ଚାରା ପ୍ରସ୍ତୁତି । ବନସାଇ ତିଆରି, ବଡ ଗଛ ତିଆରି, ଏମିତି ଅନେକ କିଛି ବଜାର ଚାହିଦା ଅନୁସାରେ ନର୍ସରୀ ମାନଙ୍କରେ ପ୍ରସ୍ତୁତ କରାଯାଏ ।
- ଆମ ରାଜ୍ୟରେ ଆଗରୁ ସରକାରୀ ବେସରକାରୀ ସ୍ତରରେ ଅନେକ ଭଲ ନର୍ସରୀ କରାଯାଇଛି । ଏସବୁରେ ତିଆରି ଗଛ ଦେଶର ବିଭିନ୍ନ ସ୍ଥାନର ଲୋକମାନେ କିଣି ନେଉଛନ୍ତି ।
- ନର୍ସରୀ ଏକ ଲାଭଜନକ ଉଦ୍ୟୋଗ । କୌଣସି ଉଚ୍ଚ ଶିକ୍ଷିତ ଯୁବକ ସ୍ୱୟଂ ସହାୟକ ଗୋଷ୍ଠୀ ଏଇ ଉଦ୍ୟୋଗ କରି ରୋଜଗାର କରିପାରିବେ ।

ନର୍ସରୀର ଆବଶ୍ୟକତା କାହିଁକି

- ଉଦ୍ୟାନ କୃଷିର ବିକାଶ ପାଇଁ ନର୍ସରୀ ମୌଳିକ ଆବଶ୍ୟକୀୟ ଜିନିଷ ।
- ଉଦ୍ଭିଦ ପ୍ରସାରଣର ବୈଷୟିକ ଜ୍ଞାନ ନର୍ସରୀ ଉଦ୍ୟୋଗର ମୂଳଦୁଆ ।
- ଉଦ୍ୟାନ ଫସଲ ମାନଙ୍କ ପାଇଁ ମଞ୍ଜି ତଥା ବାନସ୍ପତିକ ପଦ୍ଧତିରେ ନର୍ସରୀ ମାନଙ୍କରେ ପ୍ରସ୍ତୁତ ହୋଇଥିବା ଗଛ ସବୁ ଆବଶ୍ୟକ ହୋଇଥାଏ ।
- ଏକ ଭଲ ନର୍ସରୀ ପାଇଁ ଭଲ ମା' ଗଛ ହେଉଛି ପ୍ରାଥମିକ ଆବଶ୍ୟକତା ।
- ଏଇ ମା' ଗଛ ମାନଙ୍କର ଗୁଣବତ୍ତା ଓ ସତ୍ୟତା ଉପରେ ନର୍ସରୀର ଭବିଷ୍ୟତ ନିର୍ଭର କରେ ।
- ଭଲ ନର୍ସରୀ ଉଦ୍ୟୋଗୀ ମା' ଗଛର ଆବଶ୍ୟକତା ପୂରଣ ପାଇଁ ବାହାର ନର୍ସରୀ ଉପରେ ନିର୍ଭର କରନ୍ତି ନାହିଁ ।
- ନର୍ସରୀ ମାନଙ୍କରେ ଉଭୟ ମୂଳ ଦଣ୍ଡ ଆଉ ଅଗ୍ର ଡାଳିକା ପାଇଁ ନିର୍ଦ୍ଦିଷ୍ଟ ମା' ଗଛ ରହିଥାଏ ।
- ମା' ଗଛ ଚୟନ ବେଳେ ଏହାର ଜିନୀୟ ଗୁଣବତ୍ତା ଏହାର ବିଭିନ୍ନ ପରିବେଶ ମାନଙ୍କରେ ସହନଶୀଳ କ୍ଷମତାକୁ ଗୁରୁତ୍ୱ ଦିଆଯାଏ ।

ଉଦ୍ୟାନ ଫସଲ ପାଇଁ ଉଦ୍ଭିଦ ପ୍ରସାରଣ ନର୍ସରୀ ଆବଶ୍ୟକ

- ଉଦ୍ୟାନ ଫସଲର ଅନେକ ଗଛ ବିଶେଷ କରି ଫଳ ଗଛ ମାନେ ବହୁବର୍ଷୀ ଅଟନ୍ତି ।
- କେତେକ ଫଳଗଛ ୧୦୦ ବର୍ଷରୁ ଅଧିକ ବଞ୍ଚନ୍ତି ଓ ଫଳପ୍ରସୁ ରହନ୍ତି ।
- ମାନବ ଖାଦ୍ୟ ଓ ପୋଷଣ ଉପରେ ଉଦ୍ୟାନ ଫସଲର ବଡ ଭୂମିକା ରହିଛି । କେବଳ ସେତିକି ନୁହେଁ ଏହା ଚାଷୀର ଆର୍ଥିକ ଓ ସାମାଜିକ ସ୍ଥିତିରେ ଉନ୍ନତି ଆଣେ ।
- ଅନେକ ଉଦ୍ୟାନ ଫସଲରେ ମଞ୍ଜି ପ୍ରସାରଣ ନହୋଇ ବାନସ୍ପତିକ ପ୍ରସାରଣ କରାଯାଇଥାଏ ଯେଉଁଥି ପାଇଁ ନର୍ସରୀର ଆବଶ୍ୟକତା ପଡିଥାଏ ।
- ନର୍ସରୀ ଉଦ୍ୟୋଗ ଯେତେ ବିକଶିତ ହୁଏ ଉଦ୍ୟାନ କୃଷି ସେତେ ଉନ୍ନତ ହୁଏ ।
- ନର୍ସରୀ ମାନଙ୍କରେ ପ୍ରସ୍ତୁତ ମଞ୍ଜି ଗଛ ଓ କଲମୀ ଗଛ ଦ୍ୱାରା ଅଳ୍ପ ଖର୍ଚ୍ଚରେ ଅଳ୍ପ ଯତ୍ନରେ ଓ ଅଳ୍ପ ରକ୍ଷଣା ବେକ୍ଷଣରେ ଫଳ ଉଦ୍ୟାନ ଶୋଭାକାରକ ଉଦ୍ୟାନ ସବୁ ତିଆରି କରିହୁଏ ।
- ଚାଷୀମାନେ ନର୍ସରୀରୁ ଗଛ ଆଣିବା ଦ୍ୱାରା ସେମାନେ ସମୟ ଅର୍ଥ ଓ ବଳ ସଞ୍ଚୟ କରିପାରନ୍ତି ।

ଉଦ୍ୟାନ କୃଷି ବିକାଶ ପାଇଁ ନର୍ସରୀ କିପରି ସାହାର୍ଯ୍ୟ କରେ

- ବିଶୁଦ୍ଧ ଜିନ ଥିବା ନର୍ସରୀ ଗଛ ପ୍ରସ୍ତୁତ କରିହୁଏ । ଉଦ୍ୟାନ କୃଷିରେ ସୁସ୍ଥ ବଳିଷ୍ଠ ଫସଲ କରିବା ପାଇଁ ବିଶୁଦ୍ଧ ଜିନ୍ ଥିବା ଚାରା ଗଛ ଦରକାର ପଡେ । ନର୍ସରୀ ମାନଙ୍କରେ ଏପରି ଗୁଣଯୁକ୍ତ ଗଛ ଆବଶ୍ୟକ ପରିମାଣରେ ନର୍ସରୀ ମାନଙ୍କରୁ ଉପଲବ୍ଧ ହୁଏ ।
- ଚାରାଗଛ ଆମଦାନୀ । ବଜାରର ଜାଗତିକରଣ ଦ୍ୱାରା ନର୍ସରୀମାନେ ବିଦେଶକୁ ସେମାନଙ୍କର ଚାରା ଗଛ ଆମଦାନୀ ରପ୍ତାନୀ କରି ପାରୁଛନ୍ତି । ଏଥିପାଇଁ ପ୍ୟାକିଂ ଗ୍ରେଡିଂ ଓ ପରିବହନରେ ବିଶେଷ ଯତ୍ନ ଆବଶ୍ୟକ ପଡୁଛି ।
- ନିଯୁକ୍ତି ସୁଯୋଗ ସୃଷ୍ଟି । ଗ୍ରାଫଟିଙ୍ଗ ବଡିଂ ପଟିଙ୍ଗ ଓ ଅନ୍ୟ ନର୍ସରୀ କାମରେ ବିଶେଷ ଜ୍ଞାନ ଥିବା ଶ୍ରମିକମାନଙ୍କ ଚାହିଦା ବହୁତ ରହିଛି । ନର୍ସରୀ ଉଦ୍ୟୋଗରେ ସବୁ ପ୍ରକାରର ଶ୍ରମିକ ଯେମିତି ବୈଷୟିକ ଜ୍ଞାନ ପ୍ରାପ୍ତ ଶ୍ରମିକ, କୁଶଳୀ ଶ୍ରମିକ, ଅର୍ଦ୍ଧ କୁଶଳୀ ଶ୍ରମିକ, ଅଣ କୁଶଳୀ ଶ୍ରମିକ ସମସ୍ତଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ ।
- ରୋଜଗାରର ସୁଯୋଗ, ଏମିତି ଅନେକ ଦେଶ ଅଛି ଯେଉଁଠାରେ ପ୍ରତି ବର୍ଷ ଅଳ୍ପ ବର୍ଷା କାରଣରୁ କୃଷି ବ୍ୟାହତ ହେଉଛି । ଏହି ସବୁ ଦେଶରେ ନର୍ସରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ମରୁଡି ସହନଶୀଳ କିସମ ମାନଙ୍କର ରୋପଣ ଦ୍ୱାରା ଚାଷୀ ମାନେ ରୋଜଗାରକ୍ଷମ ହୋଇ ପାରୁଛନ୍ତି ।

ନର୍ସରୀର ପ୍ରକାରଭେଦ

ବ୍ୟବସାୟିକ ନର୍ସରୀ ଫଳ ଗଛ ନର୍ସରୀ

- ସାଧାରଣତଃ ଆମ୍ବ, ପିଜୁଳି, ଡାଳିମ୍ବ, ସପେଟା, କମଳା ଆଦି ଫଳ ଗଛ ସବୁ ବାନସ୍ପତିକ ଉପାୟରେ ପ୍ରସାରିତ ହୁଅନ୍ତି ଏବଂ ପ୍ରତ୍ୟେକ ଫଳଗଛର ପ୍ରସାରଣ ଓ ପ୍ରବର୍ଦ୍ଧନ ପାଇଁ ବିଶେଷ ବୈଷୟିକ ଜ୍ଞାନ ଆବଶ୍ୟକ କରନ୍ତି ।
- ଫଳ ନର୍ସରୀ ମାନଙ୍କରେ ବଛା ବଛା ବିଶେଷ ଗୁଣବତ୍ତା ଯୁକ୍ତ ମା' ଗଛର ବିଭାଗ ।

ଏଇ ମା ଗଛ ବିଭାଗରୁ ମୂଳଦଣ୍ଡ ଗଛ ପାଇଁ ଅଗ୍ରଡାଳ ଗଛ ପାଇଁ ଆବଶ୍ୟକୀୟ ମଞ୍ଜି କିମ୍ବା ଡାଳ ଆଦି ସଂଗୃହୀତ ହୁଏ । ଅନ୍ୟ ନର୍ସରୀ ପାଇଁ ମା' ଗଛ ମଧ୍ୟ ତିଆରି ହୁଏ ।

ବ୍ୟବସାୟିକ ନର୍ସରୀ ପନିପରିବା ନର୍ସରୀ

- ପନିପରିବା ନର୍ସରୀରେ ଆଳୁ, କନ୍ଦମୂଳ, ପିଆଜ, ରସୁଣ, ଭେଣ୍ଡି, କଖାରୁ ଆଦି କେତେକ ପନିପରିବାକୁ ଛାଡିଦେଲେ ସବୁ ପନିପରିବା ମାନେ ଚାରା ଗଛ ଦ୍ୱାରା ପ୍ରସାରିତ ହୁଅନ୍ତି ।
- ପନିପରିବା ନର୍ସରିରେ ପୋଟଳ, କୁନ୍ଦୁରୀ, କାଙ୍କଡ, ସାରୁ କେତେକ ପନିପରିବା କଟିଙ୍ଗସ୍ ଦ୍ୱାରା ମଧ୍ୟ ପ୍ରସାରିତ ହୁଅନ୍ତି ।
- ଫଳ ନର୍ସରୀରେ ନିର୍ଦ୍ଦିଷ୍ଟ ପରିମାଣର ବହୁବର୍ଷୀୟ ଗଛ ପ୍ରସ୍ତୁତ କଲାବେଳେ ପନିପରିବା ନର୍ସରୀର ଅଳ୍ପ ସମୟ ଅବଧିର ଗଛ ବହୁତ ପରିମାଣରେ ତିଆରି କରାଯାଏ ।
- ଏବେ ବିଶେଷ ବୈଷୟିକ ପଦ୍ଧତିର ସହୟତା ନେଇ ପନିପରିବା ମାନଙ୍କର କଲମି ଗଛ ବହୁଳ ପରିମାଣରେ ପ୍ରସ୍ତୁତ ହେଉଛି ।

ବ୍ୟବସାୟିକ ଫୁଲ ଓ ଶୋଭାକାରକ ଗଛ ନର୍ସରୀ

- ଫୁଲ ନର୍ସରୀ ମାନଙ୍କରେ ବିଭିନ୍ନ ଫୁଲ ଓ ଆଳଙ୍କାରିକ ଗଛ ମାନଙ୍କର ବାନସ୍ପତିକ ଭାବରେ ପ୍ରସାରିତ କରାଯାଏ । ଯଥା- ଗୋଲାପ, କାର୍ଣାସନ, ଲିଲି, ଗ୍ଲିଡିଓଲସ୍ ଆଦି ।
- ଅନେକ ପ୍ରଜାତିର ଫୁଲ ଗଛ ମଞ୍ଜି ଦ୍ୱାରା ପ୍ରସାରିତ ହୁଅନ୍ତି । ସେମାନଙ୍କର ଚାରାଗଛ ଏହି ଫୁଲ ନର୍ସରୀ ମାନଙ୍କରେ ପ୍ରସ୍ତୁତ କରାଯାଏ ।
- ମଞ୍ଜି ଦ୍ୱାରା ପ୍ରସାରିତ ଗଛ ମାନଙ୍କରେ ଗେଣ୍ଡୁ, ଅଷ୍ଟର, ସଲଭିଆ ଓ ଜିନିଆ ଆଦି ପ୍ରଧାନ ।

ଔଷଧ ଗଛ ଓ ସୁଗନ୍ଧିତ ଗଛର ନର୍ସରୀ

- ପରିବର୍ତ୍ତିତ ପରିସ୍ଥିତିରେ ଲୋକମାନେ ପ୍ରଚଳିତ ଆଲୋପାଥିକ୍ ଔଷଧକୁ ଛାଡି ଆୟୁର୍ବେଦିକ ଔଷଧ ଗ୍ରହଣ କରୁଛନ୍ତି । ସେଥିପାଇଁ ବିଭିନ୍ନ ଔଷଧୀୟ ଗଛର ବଜାର ଚାହିଦା ବଢୁଛୁ ।
- ଧ୍ୱଂସମୂଳକ ସଂଗ୍ରହ ପଦ୍ଧତି ହେତୁ ଅନେକ ମୂଲ୍ୟବାନ ଔଷଧୀୟ ଗଛ ପ୍ରକୃତିକ ଅରଣ୍ୟରେ ବିରଳ ହୋଇଗଲାଣି । ଏମାନଙ୍କର ବ୍ୟବସାୟିକ ଚାଷ ପାଇଁ ଚାଷୀମାନେ ଔଷଧୀୟ ଚାରା ଗଛ ଆବଶ୍ୟକ କରନ୍ତି ।
- ବର୍ତ୍ତମାନ ଔଷଧୀୟ ନର୍ସରୀ ହେଉଛି ଏକ ଲାଭଜନକ ବ୍ୟବସାୟ ।
- ଚାଷୀମାନେ ବ୍ୟବସାୟିକ ଭାବରେ ଚାଷ କରୁଥିବା ଔଷଧୀୟ ଗଛ ସବୁ ଔଷଧୀୟ କମ୍ପାନୀ ଓ ପାରମ୍ପରିକ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତରମାନେ କିଣି ନିଅନ୍ତି ।

ହାଇ-ଟେକ୍ ନର୍ସରୀ

- ଏବେ ହଠାତ୍ କେତେକ ବ୍ୟବସାୟିକ ଚାଷ ହେଉଥିବା ଗଛର ବଜାର ଚାହିଦା ବଢିଯାଇଛି ଯୋମିତିକି ଟିସ୍ୟୁ କଲ୍‌ଚର କଦଳୀ, ଜରବେରା, କାର୍ଣାସନ, ଡଚ, ଗୋଲାପ ଓ ଅରକିଡ ଆଦି ଫୁଲର ଚାରା ଗଛ ।
- ସାଧାରଣ ନର୍ସରୀମାନଙ୍କରେ ଏସବୁକୁ କିଣିବା ପାଇଁ ସୁବିଧା ନଥାଏ । ଏହି ସବୁ କ୍ଷେତ୍ରରେ ହାଇଟେକ୍ ନର୍ସରୀର ଆବଶ୍ୟକତା ପଡେ । ଏପରି ନର୍ସରୀ ମାନଙ୍କରେ ଅନେକ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇ କ୍ଷିପ୍ର ଗତିରେ ବଂଶ ବିସ୍ତାର କରାଯାଏ ଓ ଗ୍ରାହକ ମାନଙ୍କୁ ଯୋଗାଇଦିଆଯାଏ ।
- ଏପରି ହାଇଟେକ୍ ନର୍ସରୀ ମାନଙ୍କରେ ଜଳବାୟୁ ନିୟନ୍ତ୍ରିତ ସବୁଜ ଗୃହ, କାଚଘର, ପ୍ଲାଷ୍ଟିକ୍ ଟନେଲ୍ ଘର, କୁହୁଡି ଘର ଆଦିର ବ୍ୟବହାର କରାଯାଏ । ଏଇ ଘର ମାନଙ୍କରେ ତାପମାତ୍ରା, ଆର୍ଦ୍ରତା, ଆଲୋକ, ପବନ ଚଳାଚଳ ଆବଶ୍ୟକୀୟ ପୋଷକ ତତ୍ତ୍ୱକୁ ଗଛର ଆବଶ୍ୟକତା ଅନୁସାରେ ନିୟନ୍ତ୍ରଣ କରାଯାଏ ।
- ଅନେକ ହାଇଟେକ୍ ଗୃହମାନଙ୍କରେ ଉପରେ ଫୋଲ୍ଡିଂ ଛାତ ଥାଏ ଯାହାକୁ ଫୋଲ୍ଡ କରିଦେବା ଦ୍ୱାରା ଏହା ସୂର୍ଯ୍ୟାଲୋକକୁ ଅଭ୍ୟନ୍ତରକୁ ଆସିବାକୁ ଦିଏ ଫଳରେ ଗଛକୁ ପଦାକୁ ନନେଇ ହାରଡେନିଙ୍ଗ କରିହୁଏ ।

ହୋଲସେଲ ନର୍ସରୀ

- କୌଣସି ଗଛକୁ ଅତି ଅଧିକ ପରିମାଣରେ ଯୋଗାଇଦେବା ପାଇଁ ଏମାନଙ୍କର କ୍ଷମତା ଥାଏ ।
- ଏସବୁ ନର୍ସରୀ ମାନଙ୍କରେ ବଡ ବଡ ଫୁଲ ଉତ୍ପାଦନକାରି ପାର୍କ ନିର୍ମାତା ଲ୍ୟାଣ୍ଡସ୍କେପିଙ୍ଗ ନିର୍ମାତା ସରକାରୀ ବିଭାଗୀୟ କାର୍ଯ୍ୟକ୍ରମ ମାନଙ୍କ ପାଇଁ ଛୋଟ ସହର ମାନଙ୍କରେ ଥିବା ଖୁଚୁରା ନର୍ସରୀ ମାନଙ୍କ ପାଇଁ ଗଚ୍ଛିତ ରହେ ।
- ହୋଲସେଲ ନର୍ସରୀ ମାନେ ଗୋଟିଏ ଗୋଟିଏ ହବ ପରି କାମ କରନ୍ତି । ବିଭିନ୍ନ ଗଛ ପାଇଁ ଏମାନେ ବିଭିନ୍ନ ସ୍ଥାନରେ ଏମାନେ ନିଜର ପ୍ରାଇଭେଟ ପ୍ରଡକ୍ସନ୍ ସେଣ୍ଟର ରଖିଥାନ୍ତି ।

ପ୍ରାଇଭେଟ୍ ନର୍ସରୀ

- ଏମାନେ କୌଣସି ଗ୍ରାହକ ପାଇଁ କଣ୍ଟ୍ରାକ୍ଟରେ ଗଛ ତିଆରି କରନ୍ତି ।
- ବେଳେବେଳେ ଗ୍ରାହକ ନିଜେ ନିଜର ଆବଶ୍ୟକତା ପୂରଣ ପାଇଁ ଏପରି ନର୍ସରୀ କରିଥାଏ ।
- ପ୍ରାଇଭେଟ୍ ନର୍ସରୀରେ ପ୍ଲବିକ ସେଲ ନଥାଏ ।
- ବଡ ବଡ ଇଷ୍ଟେଟ୍ ଅନୁଷ୍ଠାନ କର୍ପୋରେଟ କମ୍ପାନୀ ମାନଙ୍କର ନିଜର ପ୍ରାଇଭେଟ୍ ନର୍ସରୀ ଥାଏ ।

ମେଲ ଅର୍ଡର / ଅନଲାଇନ୍ ନର୍ସରୀ

- ଆଜିକାଲି ଅନ୍‌ଲାଇନ୍‌ରେ ଗଛ କିଣା ବିକା ସହଜ ହେଉଛି ।
- ଏପରି ନର୍ସରୀମାନେ ଅନ୍ତର୍ଜାଲରେ ନିଜର ଗଛର ବିଜ୍ଞାପନ ଦିଅନ୍ତି ।
- ଗ୍ରାହକମାନେ ଏଇ ଗଛକୁ ଅନ୍ତର୍ଜାଲ ମାଧ୍ୟମରେ ନିଜର ଲୋକେସନ୍ ସହିତ ଅର୍ଡର କରନ୍ତି ।
- ନର୍ସରୀବାଲା ଏଇ ଗଛ ମାନଙ୍କୁ ସୁରକ୍ଷିତ ଭାବରେ ପ୍ୟାକିଂ କରି ବିଗ ହାଟ ଆମାଜାନ ଆଦି କୋରିଅର ସାହଯ୍ୟରେ ସହଜରେ ଗ୍ରାହକଙ୍କ ଗୃହକୁ ପଠାଇ ଦିଅନ୍ତି ।
- ପଇସା ଦେଣ ନେଣ ମଧ୍ୟ ଅନ୍‌ଲାଇନ୍‌ରେ ହୁଏ ।

ନର୍ସରୀ ଉଦ୍ୟୋଗ ପାଇଁ ସ୍ଥାନ ନିର୍ବାଚନ

- ସ୍ଥାନ ଓ ମୃତ୍ତିକା ନିର୍ବାଚନ
- ଜଲସେଚନ ସୁବିଧା
- କୁଶଳୀ ଶ୍ରମିକଙ୍କ ସୁଲଭତା
- ଆଖ ପାଖରେ ଚାରା ଗଛର ଚାହିଦା
- ଉଦ୍ୟୋଗ ପାଇଁ ଅର୍ଥ ପ୍ରଦାନକାରୀ ସଂସ୍ଥା
- ବିଶେଷଜ୍ଞଙ୍କ ପରାମର୍ଶର ସୁବିଧା
- ସୁରକ୍ଷା ପ୍ରସଙ୍ଗ ଓ ବାଡାବନ୍ଦି
  ପବନ ନିରୋଧକ ବୃକ୍ଷର ସୁବିଧା
- ଶକ୍ତିର ଆବଶ୍ୟକତା ପୂରଣ
- ରାସ୍ତାଘାଟର ଆବଶ୍ୟକତା

ସ୍ଥାନ (ଲୋକେସନ) ନିର୍ବାଚନ ଓ ମୃତ୍ତିକା ନିର୍ବାଚନ

- ନର୍ସରୀ ନିକଟରେ ଚାରା ଗଛର ବଜାର ଚାହିଦା ଥିବା ଦରକାର ।
- ନର୍ସରୀ ଲୋକ ମାନଙ୍କ ସାଧାରଣ ଯାତାୟତ ସ୍ଥାନରୁ ନିକଟ ହେବା ଦରକାର ଯଥା ଅଫିସ ପାଖ, ପାର୍କ ପାଖ, ଦର୍ଶନୀୟ ସ୍ଥାନ ପାଖରେ ଥିଲେ ବଜାର ଭଲହୁଏ ।
- ନର୍ସରୀ ଲୋକେସନ୍‌କୁ ଯାନ ବାହାନ ପାଇଁ ରାସ୍ତାର ସୁବିଧା ଥିବା ଆବଶ୍ୟକ ।
- ଏହି ସ୍ଥାନରେ ବନ୍ୟା ବାତ୍ୟା ଜଙ୍ଗଲି ପଶୁ ଭୟ ନ ରହିବା ଆବଶ୍ୟକ ।
- ପ୍ରସ୍ତାବିତ ନିଗିଡା ମାଧ୍ୟମ ଜମି, ଯଥେଷ୍ଟ ଜୈବିକ ପଦାର୍ଥ ରହିବା ଦରକାର, ବାଲିଆ ମାଟି ଅପେକ୍ଷା ଚିକଣା ଦୋରସା ମାଟି ଭଲ କାରଣ ଏଥିରେ ବିଭିନ୍ନ କିସମର ମା' ଗଛ ସଂଗ୍ରହ କରି ରଖାଯାଇପାରିବ ।
- ଅମ୍ଳତା ୬.୫ ରୁ ୮.୫ ହେବା ଭଲ ।

ଜଳସେଚନର ପ୍ରବନ୍ଧନ

- ନର୍ସରୀରେ ଜଳର ଆବଶ୍ୟକତା ପୂରଣ ପାଇଁ ଭଲ ସ୍ରୋତ ଥିବା ଗଭୀର ନଳକୂପ ସବୁଠାରୁ ଭଲ ।
- ନର୍ସରୀରେ କୌଣସି ଅସମୟ ପାଇଁ ବଡ ଆକାରର ପାଣି କୁଣ୍ଡ / ପଲି ଅଚ୍ଛାଦିତ ଛୋଟ ପୋଖରୀ ରଖାଯାଏ ।
- ନର୍ସରୀର ମୁଖ୍ୟ ଆବଶ୍ୟକତା ଜଳ । ଏହାର ସୁଷମ ବିନିଯୋଗ ପାଇଁ ଅଣୁ ଜଳସେଚନ ପଦ୍ଧତିକୁ ଗୁରୁତ୍ୱ ଦେବା ଆବଶ୍ୟକ ।
- ନର୍ସରୀ କରିବା ଆଗରୁ ଜଳର ପି.ଏଚ୍ ଓ ଇସି ପରୀକ୍ଷା କରିନେବା ଉଚିତ୍ ।
- ଆବଶ୍ୟକ ସ୍ଥଳରେ କ୍ଷାର ଲବଣାକ୍ତ ଜଳ ବ୍ୟବସାୟିକ ଆର ଓ ଜଳ ବିଶୋଧକର ବ୍ୟବହାର କରିବାକୁ ପଡେ ।

ଏକ ଆଦର୍ଶ ନର୍ସରୀ କରିବା ପାଇଁ କ'ଣ କ'ଣ ଆବଶ୍ୟକ

- ସ୍ଥାନ ନିର୍ବାଚନ
- ଅଫିସ୍ ଘର
- ଭଣ୍ଡାର ଘର
- ମାଟି, କୁଣ୍ଡ ଓ କମ୍ପୋଷ୍ଟ ରଖିବା ପାଇଁ ସ୍ଥାନ
- ମାଟିର ସୌର ବିଶୋଧନ ପିଣ୍ଡି ଓ ଭର୍ମି କମ୍ପୋଷ୍ଟିଂ ସ୍ଥାନ
- ବିବର୍ଦ୍ଧନ ଘର
- ତଳି ଘେରା
- କୁଶଳୀ ଶ୍ରମିକ ଓ କାମ କରିବା ପାଇଁ ଘର
- ମା ଗଛର ସ୍ଥାନ
- ପ୍ରଚାର ପ୍ରସାର ବିଭାଗ

ସବୀଜ ଉଦ୍ଭିଦ ପ୍ରସାରଣ ପଦ୍ଧତି

ଉଦ୍ଭିଦର ପ୍ରସାରଣ ଦୁଇ ପ୍ରକାରରେ ସମ୍ଭବ

- ଉଦ୍ଭିଦ ପ୍ରସାରଣର ଅର୍ଥ ନୂଆ ଗଛ ତିଆରି କରିବା । ଏହାର ସଂଖ୍ୟା ବଢାଇବା । ଉତ୍ତମ ଗୁଣ ଥିବା ମା ଗଛ ଠାରୁ ସେଇ ଗୁଣ ଥିବା ଅଧିକ ଗଛ ସୃଷ୍ଟି କରିବା । ଏଥିପାଇଁ ଆମ ପାଖରେ ଦୁଇଟି ପ୍ରସାରଣ ପଦ୍ଧତି ରହିଛି ସେଗୁଡିକ ହେଲା :
- ମଞ୍ଜି ଦ୍ୱାରା ପ୍ରସାରଣ ବା Sexual Propagation
- ବାନସ୍ପତିକ ପ୍ରସାରଣ ବା Asexual Propagation

ମଞ୍ଜି ପ୍ରସାରଣ ପଦ୍ଧତି ବା Sexual Propagation

- ଗଛ ସୃଷ୍ଟି କରୁଥିବା ମଞ୍ଜିଦ୍ୱାରା ନୂଆ ଗଛ ସୃଷ୍ଟି କରିବାକୁ ସବୀଜ ପ୍ରସାରଣ କୁହାଯାଏ ।
- ଗଛର ଫୁଲରେ ପରାଗ ସଂଗମ ହେବା ପରେ ପରାଗ ରେଣୁ ବା ଆଉ ଡିମ୍ବକୋଷ ବା ସହିତ ଏକାଠି ମିଳିତ ହେବାପରେ ଏହା କ୍ରମେ ବୀଜ ବା ମଞ୍ଜିରେ ପରିଣତ ହୁଏ । ଏଇ ମଞ୍ଜିରୁ ପରବର୍ତ୍ତୀ ସମୟରେ ଅଙ୍କୁରୋଦ୍‌ଗମ ହୋଇ ନୂଆ ଗଛ ସୃଷ୍ଟି ହୁଏ ।
- ତିଆରି କରିବା ପାଇଁ ମେୟୋସିସ୍ ନାମକ କୋଷ ବିଭାଜନ ହୁଏ । ପ୍ରତ୍ୟେକ ସାଧାରଣ ଜୀବକୋଷର ନ୍ୟଷ୍ଟିରେ ଅନେକ ଗୁଣସୂତ୍ର ଥଆନ୍ତି । ସୃଷ୍ଟିର ନିୟମ ଅନୁସାରେ ପ୍ରତ୍ୟେକ ଜୀବର ଜୀବକୋଷ ଥାଏ । ଆଉ ଜୀବ କୋଷରେ ନ୍ୟଷ୍ଟି ବା ରହେ ଆଉ ନିଉକ୍ଲିୟସ ମଧ୍ୟରେ ଗୁଣସୂତ୍ର ରହେ, କିନ୍ତୁ ସାଧାରଣ ଜୀବକୋଷରେ ପ୍ରତ୍ୟେକ ଗୁଣସୂତ୍ର ବା କ୍ରୋମୋଜୋମ ଯୋଡା ଯୋଡା ହୋଇ ରହନ୍ତି । ଗଛର ବୃଦ୍ଧି ପାଇଁ ସାଧାରଣ କୋଷ ବିଭାଜନରେ ଏମାନେ ସେମିତି ଯୋଡା ଯୋଡା ହୋଇ ରହି ନୂଆ ଜୀବକୋଷ ଗଠନ କରନ୍ତି । କିନ୍ତୁ ପ୍ରଜନନ ପାଇଁ ଯେଉଁ ଜୀବକୋଷ ବିଭାଜନ ହୁଏ । ସେଥିରେ ସୃଷ୍ଟି ହୋଇଥିବା କୋଷରେ କ୍ରୋମୋଜୋମ ଯୋଡା ମଧ୍ୟରୁ ଗୋଟିଏ ଲେଖାଁଏ ରହେ । ସମୁଦାୟ କ୍ରୋମୋଜୋମ ସଂଖ୍ୟା ଅଧା ହୋଇଯାଏ । ଏପରି କୋଷକୁ ଗାମେଟ୍ କୁହାଯାଏ ।
- ଫୁଲର ଗର୍ଭାଶୟ ମଧ୍ୟରେ ସୃଷ୍ଟି ହୋଇଥିବା ଗାମେଟ୍‌କୁ ଫିମେଲ ଗାମେଟ୍ ଆଉ ପୁଂ କେଶର ଉପରେ ସୃଷ୍ଟ କୋଷକୁ ମେଲ ଗାମେଟ୍ କୁହାଯାଏ ।
- ପରାଗ ସଂଗମରେ କୌଣସି ଗଛର ଫୁଲର ଡିମ୍ବକୋଷରେ ଥିବା ଗାମେଟ୍‌କୁ କୌଣସି ପରାଗ ରେଣୁରେ ଥିବା ଗାମେଟ୍ ମିଳିତ ହେବା ପ୍ରକ୍ରିୟାକୁ ଫର୍ଟିଲାଇଜେସନ୍ କୁହାଯାଏ । ଏହାଦ୍ୱାରା ଯୋଡାରୁ ବିଚ୍ଛିନ୍ନ ହୋଇଥିବା କ୍ରୋମୋଜୋମ ମାନେ ପୁଣି ଯୋଡି ହୋଇ ରୁହନ୍ତି । ଯୋଡାର ଗୋଟିଏ ମା ପକ୍ଷରୁ ଅନ୍ୟଟି ବାପ ପାଖରୁ । ସୃଷ୍ଟି ହୋଇଥିବା ଏଇ ନୂତନ କୋଷରୁ ମଞ୍ଜି ସୃଷ୍ଟି ହୁଏ । ମଞ୍ଜିରେ ବାପ ମା'ଙ୍କର ଗୁଣ ମିଶିକରି ଥାଏ ।

ସବୀଜ ପ୍ରସାରଣର ଉପାଦେୟତା

- ସରଳ ଓ ସହଜ ।
- ଏଥିରୁ ନୂତନ ପ୍ରଜାତିର ଉଦ୍ଭବ ହୁଏ ।
- ମଞ୍ଜିରୁ ପ୍ରସ୍ତୁତ ଗଛ ଅଧିକ ଦିନ ବଞ୍ଚେ, ଅଧିକ ଫଳେ, ଅଧିକ ପ୍ରତିକୂଳ ମୃତ୍ତିକା ଓ ଜଳବାୟୁ ପରିସ୍ଥିତି ସହିପାରେ ।
- ଯେଉଁ ଗଛରେ ବାନାସ୍ପତିକ ପ୍ରସାରଣ ହେଉନାହିଁ ସେଠାରେ ସବୀଜ ପ୍ରସାରଣ ଏକମାତ୍ର ଉପାୟ ।
- ସବୀଜ ପ୍ରସାରଣ ହାଇବ୍ରୀଡ ମଞ୍ଜି ପ୍ରସ୍ତୁତି ପାଇଁ ନିହାତି ଆବଶ୍ୟକ ।
- ପଲିଏମ୍ବ୍ରୀଓନିକ୍ ଗଛ ପ୍ରସ୍ତୁତି ପାଇଁ ନିହାତି ଆବଶ୍ୟକ ।
- ରଟ୍ ଷ୍ଟକ୍ ଗଛ ତିଆରି ପାଇଁ ସବୀଜ ପ୍ରସାରଣ ଆବଶ୍ୟକ ।
- ଆଗାମୀ ସମୟ ପାଇଁ ମଞ୍ଜି ଅନେକ ଦିନ/ବର୍ଷ ସାଇତି ରଖି ହୁଏ ।

ସବୀଜ ପ୍ରସାରଣର ଅସୁବିଧା

- ପ୍ରତ୍ୟେକ ମଞ୍ଜି ଗଛ ନିଜଠାରୁ ଆଉ ମା ଗଛର ଗୁଣବତ୍ତା ଠାରୁ ଭିନ୍ନତା ରଖେ ।
- ସବୀଜ ପ୍ରସାରିତ ଗଛରେ ବାଲୁତ ଅବସ୍ଥା ରହେ । ଫୁଲ ଫଳ ଆସିବା ପାଇଁ ଅନେକ ଡି ଅପେକ୍ଷା କରିବାକୁ ପଡେ ।
- ସବୀଜ ପ୍ରସାରିତ ଗଛ ବହୁତ ଡେଙ୍ଗା ଓ ଘଞ୍ଚ ହୁଏ । ଏପରି ଗଛକୁ କାଣ୍ଟ ଛାଣ୍ଟ କରିବା, ଔଷଧ ସିଞ୍ଚନ କରିବା, ଫଳ ତୋଳିବା କଷ୍ଟକର ପଡେ ।
- ମଞ୍ଜିରେ ସୁପ୍ତ ଅବସ୍ଥା ବା darmancy ରହେ । ଆଉ ନିର୍ଦ୍ଦିଷ୍ଟ ଦିନ ମଧ୍ୟରେ ବ୍ୟବହାର ନକଲେ ଏହାର ଗଜା ହେବା ଶକ୍ତି କମିଯାଏ କିମ୍ବା ସରିଯାଏ ।
- ମଞ୍ଜି ଗଛର ଫଳ ସାଧାରଣତଃ ମା ଗଛ ଠାରୁ କମ୍ ରହେ ।

ଗଛ ମାନଙ୍କରେ ମଞ୍ଜିର ସୃଷ୍ଟି କିପରି ହୁଏ

ଫୁଲର ପୁରୁଷ ଓ ସ୍ତ୍ରୀ ଅଙ୍ଗ ଥାଏ

- ଫୁଲରୁ ଫଳ ଓ ତା ମଧ୍ୟରେ ପରବର୍ତ୍ତୀ ପିଢୀ ପାଇଁ ମଞ୍ଜି ସୃଷ୍ଟି ହେବା ଏକ ପ୍ରାକୃତିକ ପ୍ରକ୍ରିୟା ।
- ଫୁଲରେ ଅଲଗା ପୁରୁଷ ଅଙ୍ଗ ଓ ସ୍ତ୍ରୀ ଅଙ୍ଗ ରହିଥାଏ ।
- ପୁରୁଷ ଅଙ୍ଗକୁ ଷ୍ଟାମେନ ଓ ସ୍ତ୍ରୀ ଅଙ୍ଗକୁ ଓଭାରି କୁହାଯାଏ ।
- କେତେକ ପ୍ରଜାତି ଗଛରେ ଉଭୟ ପୁରୁଷ ଓ ସ୍ତ୍ରୀ ଅଙ୍ଗ ଗୋଟିଏ ଫୁଲରେ ଦେଖିବାକୁ ମିଳେ । (ବାଇଗଣ ଗଛ)
- କେତେକ ପ୍ରଜାତି ଗଛରେ କେବଳ ପୁରୁଷ ଅଙ୍ଗ ଥିବା ଓ ସ୍ତ୍ରୀ ଅଙ୍ଗ ଥିବା ଫୁଲ ଅଲଗା ଫୁଟେ । (କଖାରୁ ଫୁଲ)
- କେତେକ ପ୍ରଜାତିରେ ଅଲଗା ଅଲଗା ଗଛରେ ପୁରୁଷ ଫୁଲ ଓ ସ୍ତ୍ରୀ ଫୁଲ ଫୁଟେ । (ପୋଟଳ ଗଛ)

ଷ୍ଟିଗ୍ମା ଓ ପରାଗ ରେଣୁର ସୃଷ୍ଟି

- ପ୍ରତ୍ୟେକ ଗଛର ସମସ୍ତ ଗୁଣାବଳୀର ବର୍ଣ୍ଣନା ଗୁଣସୂତ୍ର ମାନଙ୍କରେ ଲେଖାଥାଏ ।
- ଗୁଣସୂତ୍ର ମାନେ ଯୋଡା ଯୋଡା ହୋଇ ରହିଥାନ୍ତି । ଗୋଟିଏ ମା ଠାରୁ ଅନ୍ୟଟି ବାପାଠାରୁ ଆସିଥାଏ । ଫୁଲ ଫୁଟିବା ସମୟରେ ଏଇ ଯୋଡା ମଧ୍ୟରେ ଜିନ ବା ଗୁଣାବଳୀ ମାନଙ୍କ ମଧ୍ୟରେ କିଛି ଅଦଳ ବଦଳ ହେବା ପରେ ଅଲଗା ଅଲଗା ହୋଇ ଅଧାଗୁଣସୂତ୍ର ଥିବା ସ୍ୱତନ୍ତ୍ର ଜୀବକୋଷ ଗଠନ କରନ୍ତି । ଏସବୁକୁ ଗ୍ୟାମେଟ୍ କୁହାଯାଏ ।
- ପୁଂ କେସରରେ ସୃଷ୍ଟି ହେଉଥିବା ଏଇ ଗ୍ୟାମେଟ୍ ମାନଙ୍କୁ ପରାଗ ରେଣୁ ବା ପୋଲେନ୍ କୁହାଯାଏ ।
- ସ୍ତ୍ରୀ ଅଙ୍ଗ ବା ଓଭାରି ମଧ୍ୟରେ ସୃଷ୍ଟି ହୋଇଥିବା ଗ୍ୟାମେଟ୍‌କୁ ଓଭ୍ୟୁଲ କୁହାଯାଏ ।
- ଓଭାରିର ଅଗ୍ରଭାଗକୁ ଷ୍ଟିଗ୍ମା କୁହାଯାଏ । ଏହା ଉପରେ ସାମାନ୍ୟ ଅଠାଳିଆ ରସ ଥାଏ ।
- ଏହା ଉପରେ ପୋଲେନ୍ ପଡିଲେ ଏହାକୁ ପଲିନେସନ୍ ବା ପରାଗ ସଂଗମ କୁହାଯାଏ ।

ପରାଗ ସଂଗମ

- ପରାଗ ରେଣୁ ଷ୍ଟିଗ୍ମା ଉପରେ ପଡିବାକୁ ପରାଗସଂଗମ କୁହନ୍ତି ।
- ପରାଗ ସଂଗମ ପାଇଁ, ମହୁମାଛି ଜାତୀୟ କୀଟ, ପବନ ପ୍ରବାହ ସାହାଯ୍ୟ କରନ୍ତି ।
- ପରାଗ ସଂଗମ ପରେ ଏହା ଷ୍ଟିଗ୍ମା ଉପରେ ଅଙ୍କୁରିତ ହୁଏ । ଏହା ଦେହରୁ ଏକ ସୂକ୍ଷ୍ମ ନଳିକା ତଳକୁ ବଢିଚାଲେ । ଏପରି ନଳିକା ସବୁ ଓଭାରି ମଧ୍ୟକୁ ପ୍ରବେଶ କରି ତା ମଧ୍ୟରେ ଥିବା ସ୍ତ୍ରୀ ଗ୍ୟାମେଟ୍ ବା ଓଭ୍ୟୁଲ ମାନଙ୍କ ସହ ମିଳିତ ହୁଅନ୍ତି ।
- ଏମାନଙ୍କର ମଧ୍ୟରେ ଥିବା ଅଧା ଗୁଣସୂତ୍ର ମିଳିତ ହୋଇ ପୁଣି ଯୋଡା ହୁଅନ୍ତି ଓ ମଞ୍ଜି ଗଠନ କରନ୍ତି ।
- ଏଇ ମିଳନକୁ ଫର୍ଟିଲାଇଜେସନ୍ କୁହାଯାଏ ।
- ଡବଲ ଫର୍ଟିଲାଇଜେସନ୍ ଫଳ ସୃଷ୍ଟି ପାଇଁ ଡବଲ ଫର୍ଟିଲାଇଜେସନ୍ ଆବଶ୍ୟକ ପଡେ ।

ପରାଗସଂଗମରେ ବିକୃତି

- ଯଥେଷ୍ଟ ସୁସ୍ଥ ପରାଗ ରେଣୁ ନ ମିଳିଲେ ଫଳରେ ମଞ୍ଜି କମିଯାଏ ।
- ଫଳ ଛୋଟ କିମ୍ବା ବିକୃତ ହୁଏ ।
- କଲରାର ପରାଗରେଣୁ ଜହ୍ନି ଓ କାକୁଡିର ଷ୍ଟିଗ୍ମା ଉପରେ ଅଙ୍କୁରଣ କରି ଫଳ ସୃଷ୍ଟି କରିପାରେ ମାତ୍ର ଫଳସବୁ ପିତାଲାଗେ ।
- ନାଲି ମକାର ପରାଗରେଣୁ ହଳଦିଆ ମକା ଉପରେ ପଡିଲେ ସେଇ ମଞ୍ଜିକୁ ନେଳି ରଙ୍ଗ କରିଦିଅନ୍ତି । ଏହାକୁ ମେଟାଜନିଆ ପ୍ରଭାବ କୁହାଯାଏ ।

ସାଧାରନ ମଞ୍ଜିର ଗଠନ ସୁଷୁପ୍ତ ଭ୍ରୁଣ

- କୌଣସି ସୁସ୍ଥ ମଞ୍ଜି ମଧ୍ୟରେ ତିନୋଟି ମୁଖ୍ୟ ଅଂଶ ଥାଏ ।
- ମଞ୍ଜିର ଚୋପା, ଭ୍ରୁଣ ଓ ଖାଦ୍ୟ
- ମଞ୍ଜିର ଚୋପା ବା ସିଡ କୋଟ ଭ୍ରୁଣକୁ ତଥା ଖାଦ୍ୟ ପଦାର୍ଥ ସବୁକୁ ବାହ୍ୟ ଜଗତରୁ ସୁରକ୍ଷା ଦିଏ ।
- ଚୋପା ମଧ୍ୟରେ ଏକ ସୂକ୍ଷ୍ମ ଛିଦ୍ର ରହିଥାଏ । ଏହା ବାହାରୁ ଅମ୍ଳଜାନ ଆଣି ଭ୍ରୁଣକୁ ବଞ୍ଚାଇ ରଖେ ।
- ଉପଯୁକ୍ତ ପରିବେଶରେ ଏଇ ଛିଦ୍ରରେ ଜଳ ପ୍ରବେଶ କରି ଭ୍ରୁଣକୁ ଅଙ୍କୁରିତ କରେ ।

ଭଲ ମଞ୍ଜି ପାଇବା ପାଇଁ ଉପଚାର

- ମଞ୍ଜି ଭଲ ପାଇବାକୁ ହେଲେ ଆମକୁ ଯେଉଁ ତତ୍ତ୍ୱ ମାନଙ୍କ ପ୍ରତି ଦୃଷ୍ଟି ଦେବା ସେସବୁ ହେଲେ ଫସ୍ଫରସ ପୋଟାସ ବୋରନ କାଲସିଅମ ।
- ପ୍ରତ୍ୟେକ ଫସଲରେ ବୋରନ ଅଣୁସାରର ସାମାନ୍ୟ ଅଭାବ ମଞ୍ଜିର ଗୁଣବତ୍ତା କମାଏ ।
- ଫୁଲ ଆସିବା ପରେ ଓ ପୂର୍ବରୁ ବୋରନ ସିଞ୍ଚନ ମଞ୍ଜିର ଓଜନ ବଢାଏ, ଅମଳ ଅଧିକ ହୁଏ, ଅନେକ ଦିନ ଏହାର ଜୀବନୀ ଶକ୍ତି ରହେ ।

ବୀଜର ସୁପ୍ତାବସ୍ଥା

- ସୁପ୍ତାବସ୍ଥା ବା ମଞ୍ଜିର ଏମିତି ଏକ ଅବସ୍ଥା ଯେତେବେଳେ ଅଙ୍କୁରୋଦଗମ ପାଇଁ ଆବଶ୍ୟକ ସମସ୍ତ ଉପାଦାନ ଯଥା ତାପମାତ୍ରା ଜଳ ଅମ୍ଳଜାନ ସମସ୍ତ ପାଇବା ପରେ ମଧ୍ୟ ଏହା ଅଙ୍କୁରୋଦଗମ୍ ପାଇଁ ଆବଶ୍ୟକ ସମସ୍ତ ଉପାଦାନ ଯଥା ତାପମାତ୍ରା ଜଳ ଅମ୍ଳଜାନ ସମସ୍ତ ପାଇବା ପରେ ମଧ୍ୟ ଏହା ଅଙ୍କୁରୋଦଗମ କରେ ନାହିଁ ।
- ଯେଉଁ ମଞ୍ଜିକୁ ଫଳରୁ ବାହାର କରିବା ପରେ ତତ୍କ୍ଷଣାତ୍ ଏହାକୁ ଗଜା କରିହୁଏ । ଉଦାହରଣ ଆମ୍ବ, ଲେମ୍ବୁ କିନ୍ତୁ ପିଅର ଚେରୀ ସେଉ ଆଦି ମଞ୍ଜିକୁ ଫଳରୁ ବାହାର କରି ସଙ୍ଗେ ସଙ୍ଗେ ସମସ୍ତ ଉପାଦାନ ଯୋଗାଇ ଦେଲେ ମଧ୍ୟ ଏଥିରୁ ଅଙ୍କୁରୋଦଗମ୍ ହୁଏ ନାହିଁ । ମଞ୍ଜି ମାନଙ୍କର ଏଇ ଗୁଣକୁ ସୁପ୍ତ ଅବସ୍ଥା କୁହାଯାଏ ।
- ଏପରି ସୁପ୍ତ ଅବସ୍ଥା ଦ୍ୱାରା ମଞ୍ଜି ପ୍ରତିକୂଳ ଅବସ୍ଥାରେ ଶୋଇ ରହେପାରେ । କେତେକ ବୀଜ ତ୍ରୀବ ଥଣ୍ଡା ଅବସ୍ଥାରେ ମାଟିରେ ପଡିରହିଲେ ଜାଗ୍ରତ ବହୁଏ ।

ଉଦ୍ଭିଦ ବୀଜର ସୁପ୍ତାବସ୍ଥା ଦୁଇ ପ୍ରକାରର

୧ . ବାହ୍ୟ କାରଣରୁ ସୁପ୍ତାବସ୍ଥା ୨ . ଆଭ୍ୟନ୍ତରୀଣ କାରଣରୁ ସୁପ୍ତାବସ୍ଥା

୧ . ବାହ୍ୟ କାରଣରୁ ସୁପ୍ତାବସ୍ଥା (Exogenous Dormancy)

- ଭ୍ରୁଣ ଘୋଡାଇ ରଖିଥିବା ଘୋଡାଣି ବା ଚୋପା ବେଳେବେଳେ ଅତିଶୟ ଶକ୍ତ ରହେ ଏହା ଭ୍ରୁଣ ପାଖକୁ ଅମ୍ଳଜାନ ଜଳ ତାପମାତ୍ରା ଆଦି ପ୍ରବାହିତ ହେବାକୁ ଦିଏ ନାହିଁ । ଫଳରେ ବୀଜ ଶୋଇ ରହେ ଏହାକୁ ଭୌତିକ କାରଣ କୁହାଯାଏ । **physical dormancy**
- କେତେକ କ୍ଷେତ୍ରରେ ମଞ୍ଜିର ଚୋପା ଭ୍ରୁଣକୁ ଏତେ ଚାପି ରଖିଥାଏ ଯେ ତାହା ଫୁଲି ପାରେ ନାହିଁ । ଏହାକୁ ମେକାନିକାଲ ଡର୍ମାନ୍ସି କହିବା । **mechanical dormancy**
- ଟମାଟୋ କଖାରୁ ଲେମ୍ବୁ କମଳା ଆଦି ଫଳ ମଧ୍ୟରେ ମଞ୍ଜି ଚାରିପଟେ ଥିବା ରସରେ କିଛି ରସାୟନ ରହେ ଯେମିତି କୁରକୁମୀନ ଫେନଲ ଆବସିସିକ ଅମ୍ଳ ରହେ ଯାହାକି ଅଙ୍କୁରୋଦଗମ୍ ବିଳମ୍ବ କରେ ଏହାକୁ କେମିକାଲ ଡର୍ମାନ୍ସି କହିବା । **mechanical dormancy**

ଆଭ୍ୟନ୍ତରୀଣ କାରଣରୁ ସୁପ୍ତ ବୀଜ

- ବେଳେ ବେଳେ ଫଳ ପଚିଯାଏ ମାତ୍ର ଭ୍ରୁଣ ତିଆରି ସରି ନଥାଏ ତେଣୁ ଗଜା ହେବାରେ ବିଳମ୍ବ ହୁଏ । ଏହାକୁ ଆଭ୍ୟନ୍ତରୀଣ କାରଣରୁ ବୀଜ ସୁପ୍ତ ରହେ ।
- ବେଳେ ବେଳେ ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ କାରଣରୁ ବୀଜ ସୁପ୍ତ ରହେ । ଏହାକୁ ଡବଲ ଡର୍ମାନ୍ସି କହିବା । ଡବଲ ଡର୍ମାନ୍ସି ପାଇଁ କେତେକ ମଞ୍ଜି ଫଳ ହେବାର ୨ ବର୍ଷ ଯାଏ ସୁପ୍ତ ରହେ ।

ସୁପ୍ତବସ୍ଥାର ଉପକାରିତା **(Advantages of dormancy)**

- ନାତିଶୀତୋଷ୍ଣ ଅଞ୍ଚଳର ଅନେକ ଗଛ ଏହାର ସୁପ୍ତାବସ୍ଥା ସମୟରେ ଏହାର ପ୍ରତିକୂଳ ଜଳବାୟୁ କୁ ସହିଯାଏ ।
- ମଞ୍ଜି ସଂଗ୍ରହ ଓ ମଞ୍ଜି ବ୍ୟାଙ୍କ ପ୍ରତିଷ୍ଠା କରିବା ସୁଗମ ହୁଏ ।
- ମଞ୍ଜିର ସୁପ୍ତାବସ୍ଥା ପାଇଁ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ମାଟିରେ ପଡିରହିଥିବା ମଞ୍ଜିରୁ ଗଜା ବାହାରେ ।
- ଚଡେଇ ମାନେ ଖାଉଥିବା କିଛିଫଳ ତାଙ୍କର ହଜମ ଶକ୍ତିଦ୍ୱାରା ସୁପ୍ତାବସ୍ଥା ରୁ ଜାଗ୍ରତ ହୋଇ ବାହିତ ଦୂର କୌଣସି ସ୍ଥାନରେ ଗଜା ହୁଏ ।

ବୀଜକୁ ସୁପ୍ତାବସ୍ଥାରୁ ଜାଗ୍ରତ କରିବା ଉପାୟ

Softening seed coat and other seed coverings
a: scarification
b: stratification

ବୀଜର ସୁପ୍ତଅବସ୍ଥା ଦୂର କରେ ସ୍କାରୀଫିକେସନ୍

- ବିଭିନ୍ନ ଉପାୟରେ ମଞ୍ଜିର କଠିନ ମୋଟା ବୀଜାକରଣ ବା ସିଡ କୋର୍ଟକୁ ପତଳା କରିବାକୁ ସ୍କାରୀଫିକେଶନ୍ କୁହାଯାଏ ।
- ଏହା ତିନି ପ୍ରକାର କରାଯାଉଛି ଯେମିତି ବଳ ପ୍ରୟୋଗ, ଅମ୍ଳ ପ୍ରୟୋଗ, ଗରମ ଜଳ ପ୍ରୟୋଗ ।
- ବଳ ପ୍ରୟୋଗ ଉପର ଚୋପାକୁ ଧୀରେ ଧୀରେ ହାମରରେ ବାଡେଇ ଭାଙ୍ଗିବା । ଫାଇଲରେ ଘଷିବା, ଛୁରୀରେ କାଟିବା ଆଦି ପ୍ରକ୍ରିୟା ଦ୍ୱାରା ସିଡ କୋର୍ଟର କଠିନତା ଦୂର କରିବା ଦ୍ୱାରା ମଞ୍ଜିର ନିଦ୍ରାବସ୍ଥା ଦୂର ହୁଏ । ଏହାକୁ ମେକାନିକାଲ ସ୍କାରୀଫିକେଶନ କୁହାଯାଏ ।
- ଅମ୍ଳ ପ୍ରୟୋଗ କୌଣସି ଅମ୍ଳ ସହ୍ୟ କରୁଥିବା ପାତ୍ରରେ ଗନ୍ଧକାମ୍ଳ କିମ୍ବା ହାଇଡ୍ରୋକ୍ଲୋରିକ ଅମ୍ଳ ରଖାଯାଏ । ଗୋଟିଏ ଭାଗ ମଞ୍ଜି ଦୁଇଭାଗ ଅମ୍ଳ ରଖାଯାଏ । ଚୋପା ଯେତେ ମୋଟା ହୁଏ ସେତେ ଅଧିକ ସମୟ ରଖିବାକୁ ପଡିବ । ମଝିରେ ମଝିରେ ମଞ୍ଜି ବାହାର କରି ଚୋପା କେତେ ମିଳାଇଛି ପରୀକ୍ଷା କରାଯାଏ । ଯେତେବେଳେ ଦେଖାଯାଏ ଏହା କାଗଜ ପରି ପତଳା ହୋଇ ଗଲାଣି ଏହାକୁ ଅମ୍ଳରୁ ବାହାର କରି ଧୋଇ ଅମ୍ଳ ମୁକ୍ତ କରିଦିଆଯାଏ । ଆଉ ରୋପଣ କରାଯାଏ । ଏହାକୁ କୁହାଯାଏ ।
- ସ୍କାରୀଫିକେଶନ୍ ପ୍ରକ୍ରିୟା ସାଧାରଣତଃ ଗରମ ଜଳରେ ବହୁତ ଲୋକ କରିବାର ଦେଖାଯାଏ । ମଞ୍ଜିର ୪-୫ ଗୁଣା ଆକାରର ଗରମ ଜଳ ନିଆଯାଏ । ଏଇ ଜଳର ତାପ ମାତ୍ରା ୭୭ ରୁ ୧୦୦ ଡିଗ୍ରୀ ସେଲିସିଆସ ରଖାଯାଏ । ଅଳ୍ପ ସମୟ ପରେ ପାଣି ମନକୁ ମନ ଥଣ୍ଡା ହୁଏ । ଏମିତି ମଞ୍ଜିକୁ ୧୨-୨୪ ଘଣ୍ଟା ବତୁରା ଯାଇଥାଏ । ଭଲ ଅବସ୍ଥାରେ ଥିବା ମଞ୍ଜି ସବୁ ସାମାନ୍ୟ ଫୁଲି ଯାଇଥାଏ । ମଞ୍ଜିରେ ଜୀବନୀ ଶକ୍ତି କମିଯାଇଥିଲେ ଏହା ଫୁଲି ନଥାଏ । ଭଲ ମଞ୍ଜିକୁ ବାଛି ଗଜା କରିବାକୁ ନିଆଯାଏ । ଏହି ପ୍ରକ୍ରିୟାକୁ କୁହାଯାଏ ।

- ଭିଜା ମଞ୍ଜିକୁ ଗୋଟିଏ ବାକ୍ସ ମଧ୍ୟରେ ସ୍ତର ସ୍ତର କରି ସଫା ବାଲି ଆଉ ଭର୍ମିକୁଲାଇଟ୍ ମଧ୍ୟରେ ରଖିବା ପରେ ୪-୭ ଡିଗ୍ରୀ ତାପମାତ୍ରା ମଧ୍ୟରେ ୭୦-୭୫ ଦିନ ରଖାଯାଏ ।
- ଏଇ ପଦ୍ଧତିକୁ ଷ୍ଟ୍ରାଟିଫିକେସନ୍ କୁହାଯାଏ ।
- ସେଉ ଜାତୀୟ ଫଳର ମଞ୍ଜିକୁ ଗଜା କରିବା ପାଇଁ ଏଇ ଷ୍ଟ୍ରାଟିଫିକେସନ୍ ଆବଶ୍ୟକ ପଡେ ।

ସୁପ୍ତ ବୀଜକୁ ଜାଗ୍ରତ କରିବା ନକରିବା ପାଇଁ ପାଦପ ବୃଦ୍ଧି ନିୟନ୍ତ୍ରକ (PGR) ର ବ୍ୟବହାର

- ବିହନ ପାଇଁ ରଖାଯାଉଥିବା ଆଳୁକୁ ଅମଳ କରିବା ୧୫ ଦିନ ଆଗରୁ ଗଛରେ ମେଲିକ ହାଇଡ୍ରାଯାଇଡ୍ maleic hydrazide (MH) at 2000 ppm ସିଞ୍ଚନ କଲେ ଏହା ଅନେକ ଦିନ ଯାଏ ଗଜା ହୁଏ ନାହିଁ ।
- ବିଲାତି ବାଇଗଣ ମଞ୍ଜିକୁ ବୁଣିବା ଆଗରୁ ଜୀବ୍ରେଲିକ ଅମ୍ଳ ୧୦୦ ପ୍ରତି ନିୟୁତ (GA at 100 ppm) ସିଞ୍ଚନ କଲେ ସୁପ୍ତ ଅବସ୍ଥାରେ ଥିବା ମଞ୍ଜି ମାନେ ଜାଗ୍ରତ ହୁଅନ୍ତି ଓ ଅଧିକ ଗଜା ବାହାରେ ।

ମଞ୍ଜିର ପଲିଏମ୍ବ୍ରିଓନି ଗୁଣ (Polyembryony)

- ମ୍ବ୍ରିୟୋର ଅର୍ଥ ଭ୍ରୁଣ । ଗୋଟିଏ ସାଧାରଣ ମଞ୍ଜିର ଗୋଟିଏ ଭ୍ରୁଣ ସୃଷ୍ଟି ହୁଏ କିନ୍ତୁ ଏମିତି କିଛି ପ୍ରଜାତି ଦେଖାଯାଉଛି ଯେଉଁଥିରେ ପ୍ରକୃତ ମେୟୋଟିକ ବିଭାଜନ ଦ୍ୱାରା ସୃଷ୍ଟ ଭ୍ରୁଣ ସହିତ ଆଉ କିଛି ଭ୍ରୁଣ ରହିଥିବା ଦେଖାଯାଏ । ଏଇ ପରିସ୍ଥିତିକୁ ପଲିଏମ୍ବ୍ରିଓନି କୁହନ୍ତି । ଏଇ ଅଧିକା ଥିବା ଭ୍ରୁଣ ମାନଙ୍କର ଜିନୀୟ ସଂରଚନା ମା ଗଛ ସହିତ ସମାନ ରହିଥିବା ଦେଖାଯାଏ କାରଣ ଏମାନେ ମଞ୍ଜିର ନ୍ୟୁସେଲସରୁ ବାହାରି ଥାନ୍ତି । ଏଇ ନ୍ୟୁସେଲସରୁ ଜନ୍ମ ନେଇଥିବା ଭ୍ରୁଣ ମାନଙ୍କରୁ ପ୍ରସ୍ତୁତ ଗଛକୁ ନ୍ୟୁସେଲର ଗଛ କୁହାଯାଏ ।
- ଆମ୍ବର କେତେକ ପ୍ରଜାତି କମଳା ଲେମ୍ବୁର କେତେକ ପ୍ରଜାତିରେ ଏଇ ଗୁଣ ଦେଖାଯାଏ । ତିନିପତ୍ରୀ କମଳା trifoliate orange (Poincirus trifoliata) କାଗଜି ଲେମ୍ବୁରୁ ଅନାୟସରେ ମା ଗଛ ସହିତ ଗଛ ମଞ୍ଜିରୁ ପ୍ରସ୍ତୁତ କରିହୁଏ ।
- ଏଇ କ୍ଷେତ୍ରରେ ଗୋଟିଏ ମଞ୍ଜିରୁ ଅନେକ ଗଛ ସୃଷ୍ଟି ହୋଇଯାଏ । ଏମାନଙ୍କ ମଧ୍ୟରେ ମଞ୍ଜିର ପ୍ରକୃତ ଗଛ ସବୁ ଦୁର୍ବଳ ରହେ ମା ଅଙ୍ଗରୁ ସୃଷ୍ଟ ଗଛ ସବୁ ବଳବାନ ରହନ୍ତି ।
- ଏପରି ପଦ୍ଧତିରେ ସୃଷ୍ଟ ଗଛ ସବୁକୁ ବୈଜ୍ଞାନିକ ମାନେ ଆପୋମିକ୍ଟିକ୍ ସିଡଲିଙ୍ଗ କୁହନ୍ତି ।

ମଞ୍ଜି ଉତ୍ପାଦନ ଉଦ୍ୟୋଗ

ନ୍ୟୁକ୍ଲିଅର ସିଡ
ବ୍ରୀଡର ସିଡ୍
ଫାଉଣ୍ଡେସନ୍ ସିଡ
ସାର୍ଟିଫାଏଡ୍ ସିଡ

- Seed multiplication is the production of a particular class of seed from specific class of seed up to certified seed stage. The choice of a proper seed multiplication model is the key to further success of a seed programme
- seed multiplication agency should decide the programme how quickly the farmers can be supplied with the seed of newly released varieties,
- after the nucleus seed stock has been handed over to the concerned agency, to replace the old varieties. In view of the basic factors, the chain of seed multiplication models could be,
- **a. Three - Generation model**
- Breeder seed - Foundation seed - Certified seed
- **b. Four - Generation model**
- Breeder seed - Foundation seed (I) Foundation seed (II) - Certified seed
- **c. Five - Generation model**
- Breeder seed - Foundation seed (I)- Foundation seed (II) -Certified seed (I) - Certified seed (II)

ଉଦ୍ଭିଦ ପ୍ରସାରଣ ଗୃହ

ଜଳବାୟୁ ନିୟନ୍ତ୍ରିତ ଘରର ପ୍ରକାର

- ସବୁଜ ଗୃହ
- ଲାଥ ହାଉସ
- ଗରମ ଶର୍ଯ୍ୟା
- କାଚ ଘର
- କୃତ୍ରିମ କୁହୁଡି କୋଠରି

ପ୍ରସାରଣ ଗୃହ

- ଗଛ ମାନଙ୍କ ବୃଦ୍ଧି ଓ ବିକାଶ ପାଇଁ କେତେକ ନିର୍ଦ୍ଦିଷ୍ଟ ସୁବିଧା ସୃଷ୍ଟି କରାଯାଇଥିବା ଗୃହକୁ ଉଦ୍ଭିଦ ପ୍ରସାରଣ ଗୃହ ବା plant propagation structures କୁହାଯାଏ ।
- ଏଇ ଗୃହ ମାନଙ୍କରେ ମଞ୍ଜି ପ୍ରସାରଣ କଟିଙ୍ଗସ ପ୍ରସାରଣ ଏବଂ ଗ୍ରାଫଟିଙ୍ଗ ପ୍ରସାରଣ ପାଇଁ ନିର୍ଦ୍ଦିଷ୍ଟ ସୁବିଧା ରଖାଯାଇଥାଏ ।
- ପ୍ରସାରଣ ଗୃହ ସାଧାରଣତଃ କାମ ଦୃଷ୍ଟିରୁ ଦୁଇଟି ଶ୍ରେଣୀର ରହେ ।

୧. ଆଲୋକ ଓ ତାପମାତ୍ରା ଓ ନିୟନ୍ତ୍ରିତ ଗୃହ ଯଥା – ସବୁଜ ଗୃହ, ଛାୟା ଗୃହ, ମିଷ୍ଟ ଗୃହ

୨. ତାପମାତ୍ରା ଓ ଆଲୋକ ଅଧିକ ଯୋଗାଉ ଥିବା ଗୃହ । ଯଥା – ହରଡେନିଙ୍ଗ ଗୃହ ଉଦାହରଣ ହଟ ବେଡ ଯେଉଁଠାରେ ମଞ୍ଜିର ଅଙ୍କୁରୋଦ୍‌ଗମ କଟିଙ୍ଗସ୍ ଆଦି କରାଯାଇପାରେ ଏବଂ ହାରଡେନିଙ୍ଗ ଗୃହ ବାହାରମୁକ୍ତ ଜଳବାୟୁକୁ ଯିବା ପୂର୍ବରୁ ଗଛକୁ ଏଇଠାରେ କିଛି ଦିନ ରଖି ଏହାକୁ ବାହାର ଜଲବାୟୁ ସହିବା ପାଇଁ ସହନଶୀଳତା ସୃଷ୍ଟି କରାଯାଏ ।

ପ୍ରସାରଣ ଗୃହ ପ୍ରତିକୂଳ ଜଳବାୟୁର ନିୟନ୍ତ୍ରଣ

ପଲି ସବୁଜ ଗୃହ

- ନର୍ସରୀ ପାଇଁ ଛାଇ ଦରକାର ଏଣୁ ଆଗରୁ ଘଞ୍ଚ ଭାବରେ ଗଛ ଲଗାଇ ତାର ଛାଇରେ ନର୍ସରୀ କରାଯାଉଥିଲା ।
- ଏବେ ଆଲୋକ ତାପମାତ୍ରା ଆର୍ଦ୍ରତାକୁ ନିୟନ୍ତ୍ରଣରେ ରଖିପାରୁଥିବା ସ୍ୱଚ୍ଛ ପ୍ଲାଷ୍ଟିକ୍ ଚଦର ଛାତ ଥିବା ଘର ମଧ୍ୟରେ ନର୍ସରୀ କରାଯାଉଛି ।
- ଏସବୁ ପ୍ରସ୍ତୁତିରେ ୫୦ ପ୍ରତିଶତ ସରକାରୀ ରିହାତି ମିଳୁଛି
- ଅତ୍ୟଧିକ ଥଣ୍ଡା ବରଫାବୃତ୍ତ ଅଞ୍ଚଳରେ କାଚ ସବୁଜ ଗୃହ ଦରକାର ପଡେ ।
- ଏହା ମଧ୍ୟରେ ତାପମାତ୍ରା ଅଧିକ ରହେ ।
- ଆମ ରାଜ୍ୟରେ ଫୁଲବାଣୀ, ରାୟଗଡା, କୋରାପୁଟ ଆଦି ପାର୍ବତ୍ୟାଞ୍ଚଳରେ ଏହା ଦରକାର ।

ସବୁଜ ଗୃହରେ ପ୍ରସାରଣ

- ସବୁଜ ଗୃହ ଏକ ଆବଦ୍ଧ ଜଳବାୟୁର ଘର, ପ୍ରଥମେ ଏହା କାଚରେ ନିର୍ମିତ ହେଉଥିଲା ।
- କାଚର ଛାତ ଏହାକୁ ନିୟନ୍ତ୍ରିତ ସୂକ୍ଷ୍ମ ଜଳବାୟୁ ପ୍ରଦାନ କରିଥାଏ, ଯାହାକୁ ଗ୍ରୀନ ହାଉସ କିମ୍ବା ଗ୍ଲାସ ହାଉସ୍ ଏଫେକ୍ଟ କୁହାଯାଇଥାଏ ।
- ସୂର୍ଯ୍ୟ ରେଡିଏସନ୍‌ରୁ ଉତ୍ତାପକୁ କାଚଘର ଧରି ରଖିପାରେ । ସବୁଜ ଗୃହ ଏହାର ଆଭ୍ୟନ୍ତର ପରିବେଶକୁ ଗଛର ଅଧିକ ବୃଦ୍ଧି ପାଇଁ ଅନୁକୂଳ କରେ, ଏହାକୁ ଗ୍ରୀନ୍‌ହାଏସ୍ ଭିଗର କୁହାଯାଏ ।
- ଆଧୁନିକ ଗ୍ରୀନ ହାଉସ୍ ଗୁଡିକରେ ଅନେକ ଯନ୍ତ୍ରପାତି ରହିଥାଏ । ଏମାନେ ଦିନ ଏବଂ ରାତି ତାପମାନର ନିୟନ୍ତ୍ରଣ କରିବା ପାଇଁ, ପ୍ରାପ୍ତ ଆଲୋକ ତୀବ୍ରତା ଏବଂ ପ୍ରକାଶ ସମୟ ଓ ଆର୍ଦ୍ରତାକୁ ନିୟନ୍ତ୍ରିତ କରନ୍ତି ।
- ସବୁଜ ଗୃହର ଆକାର ନର୍ସରିର ଆବଶ୍ୟକତା ଅନୁସାରେ ରଖାଯାଇଥାଏ ।
- କାଚ ଘର ଅତ୍ୟଧିକ ବ୍ୟୟସାପେକ୍ଷ କିନ୍ତୁ ଏବେ ଅତି ବାଇଗଣି ରଶ୍ମୀ ସହନ ଶୀଳ ସ୍ୱଚ୍ଛ ପଲିଥିନ କାଗଜ କିମ୍ବା ସ୍ୱଚ୍ଛ ଫାଇବର କାଚରେ ସବୁଜ ଗୃହ ପ୍ରସ୍ତୁତି କରାଯାଉଛି । ଏପରି ସବୁଜ ଗୃହ ଶସ୍ତା ଓ ଜୀବନ କାଳ ଅଧିକ ଦିନ ରହୁଛି ।
- ଫାଇବର କାଚର ଜୀବନ କାଳ ସାଧାରଣ କାଚ ଠାରୁ ଯଥେଷ୍ଟ ଅଧିକ ରହେ ।
- ସବୁଜ ଗୃହରେ ଚାଷ ପଦ୍ଧତି ତିନି ପ୍ରକାରର ଯେମିତି ଉଚ୍ଚା ବେଡା, ସମତଳ ବେଡ ଓ ପଲିଥିନ୍ ବ୍ୟାଗ ପଦ୍ଧତି ।

ସବୁଜ ଗୃହ ବା ଗ୍ରୀନ ହାଉସ୍ ଓ ଛାୟା ଗୃହ ପାଇଁ ସାବଧନତା ।

- ଅତି ତ୍ରୀବ ଗତି ଯୁକ୍ତ ପବନକୁ ପ୍ରତିରୋଧ କରିବା ପାଇଁ ସବୁତ ଗୃହ ଓ ଛାୟା ଗୃହର ଫ୍ରେମର ଲିଷ୍ଟ ଉଚ୍ଚମାନର ହେବା ଆବଶ୍ୟକ ।
- ସବୁଜ ଗୃହର ଅତି ନିକଟରେ ଛାୟା ଯୁକ୍ତ ଗଛ ଛାୟା ସୃଷ୍ଟି କରୁଥିବା ଅଟ୍ଟାଳିକା କିମ୍ବା ଅନ୍ୟ ସବୁଜ ଗୃହ ରହିବା ଭଲ ନୁହେଁ ।
- ସବୁଜ ଗୃହ ସମ୍ପୃର୍ଣ୍ଣ କାଚରେ କିମ୍ବା ଅତି ବାଇଗଣି ରଶ୍ମୀ ସହନଶୀଳ ସ୍ୱଚ୍ଛ ପଲିଥିନ୍ କାଗଜ କିମ୍ବା ସ୍ୱଚ୍ଛ ଫାଇବର କାଚରେ କରାଯାଏ । ଏସବୁର ମାନ ଉଚ୍ଚ କୋଟୀର ନହେଲେ ଏସବୁ ଅଳ୍ପ ଦିନରେ ନଷ୍ଟ ହୋଇଯାଏ ।
- ଅତ୍ୟାଧୁନିକ ସବୁଜ ଗୃହ ମାନଙ୍କରେ ତାପମାତ୍ରା ଆର୍ଦ୍ରତା ଓ ଆଲୋକର ନିୟନ୍ତ୍ରଣ କରିପାରୁଥିବା ସ୍ୱଂୟ ଚାଳିତ ଯନ୍ତ୍ର ଲାଗିଥାଏ । ଏ ସବୁର ରକ୍ଷଣା ବେକ୍ଷଣ କରିବା ପାଇଁ ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ରହେ ।



SESSION-1

ମାଟିର ପରିଚୟ ଓ ଗଛର ବୃଦ୍ଧି ପାଇଁ ମାଟିର ଭୂମିକା

ମାଟି କଣ, ଏଥିରେ କଣ ଅଛି ଜାଣିବା

- ଆମ ପୃଥିବିର ଉପରିସ୍ଥ ଭାଗରେ ମାଟି ରହେ ।
- ମାଟିକୁ ପରୀକ୍ଷା କଲେ ଜଣା ପଡେ ଏଥିରେ ଯେତିକି କଠିନ ପଦାର୍ଥ ରହିଛି ସେତିକି ଫାଙ୍କା ଅଛି ।
- ପ୍ରାୟ ୫୦% ଫାଙ୍କା ସ୍ଥାନରେ ଜଳ ଓ ବାୟୁ ରହିଛି ।
- କଠିନ ସ୍ଥାନରେ ୪୫% ଖଣିଜ ଓ ୫% ସ୍ଥାନରେ ଜୈବିକ ପଦାର୍ଥ ରହିଛି ।



Fig.1.1 : Four major components of soils (volume basis)

ଗଛ ବଢିବା ପାଇଁ ମାଟିରେ କଣ ଅଛି

- ମାଟିରେ ଖଣିଜ ପଦାର୍ଥ ବା ମିନେରାଲ ରହେ । ଖଣିଜ ପଦାର୍ଥ ଅତିବଡ ଆକାରରେ ବିଶାଳ ଶୀଳ ଖଣ୍ଡା, ଅତି ସାନ ହେଲେ କ୍ଷୁଦ୍ର ପବନରେ ଭାସି ବୁଲୁଥିବା କ୍ଲେ ର ଅଦୃଶ୍ୟ ଧୂଳିକଣା ।
- ମାଟିର ଅନ୍ୟ ଏକ ମୁଖ୍ୟ ଅଂଶ ଜୈବିକ ପଦାର୍ଥ ଏହା ପ୍ରାଣୀ, ଉଦ୍ଭିଦମାନଙ୍କର ଦେହବଶେଷର ଅବଶିଷ୍ଟାଂଶ । ଏହା ସୂକ୍ଷ୍ମ ଅଣୁଜୀବ ମାନଙ୍କ ଦ୍ୱାରା ସଦା ସର୍ବଦା ବିଘଟିତ ହେଉଛି । ଏହା ମାଟିର ଏକ ସର୍ବଦା ଲାଗିରହିଥିବା ପ୍ରକ୍ରିୟା ।
- ମାଟିର କଠିନ ପଦାର୍ଥ ମାନଙ୍କ ଆଭ୍ୟନ୍ତରରେ ଫାଙ୍କା ସ୍ଥାନ ମଧ୍ୟ ରହେ । ଏଇ ସ୍ଥାନ ମାନଙ୍କରେ ଜଳ କିମ୍ବା ବାୟୁ ରହେ ।
- ଏସବୁକୁ ପୋର ସ୍ପେସ କୁହାଯାଏ ।

ପୋର ସ୍ପେସ

- ପୋର ସ୍ପେସରେ ଅନେକ ସମୟରେ ଜଳ ଭରି ରହେ । ଯେଉଁ ସ୍ଥାନରେ ଜଳ ରହେନାହିଁ ସେଠାରେ ପବନ ରହେ ।
- ମାଟିରେ ଥିବା ଅଣୁଜୀବ ଓ ଗଛର ଚେର ଏଇ ପବନକୁ ଉପଯୋଗ କରନ୍ତି ।
- ଯେତେବେଳେ ମାଟିର ଜଳ ବଢିଯାଏ । ସେତେବେଳେ ମାଟିର ବାୟୁ କମିଯାଏ ଓ ଜଳ କମିଗଲେ ବାୟୁ ବଢିଯାଏ ।
- ମୃତ୍ତିକାର ଛିଦ୍ରରେ ଯେଉଁ ଜଳ ରହେ, ଏଥିରେ ଅନେକ ଖଣିଜ ଓ ଜୈବିକ ପଦାର୍ଥ ଦ୍ରବୀଭୂତ ହୋଇ ରହେ । ଗଛ ତାର ବୃଦ୍ଧି ପାଇଁ ଏହି ଜଳର ଦ୍ରବଣକୁ ଉପଯୋଗ କରେ ।

ସମ୍ପର୍କ : ମୃତ୍ତିକା, ମୃତ୍ତିକା ଦ୍ରବଣ, ଗଛର ସୂକ୍ଷ୍ମ ଚେର

- ମୃତ୍ତିକାର ଛିଦ୍ରରେ ଜଳ ରହେ, ଗଛ ତାର ବୃଦ୍ଧିପାଇଁ ଏହି ଜଳକୁ ଉପଯୋଗ କରେ।
- ମୃତ୍ତିକା ଛିଦ୍ରରେ ଥିବା ଜଳରେ ବିଭିନ୍ନ ଖଣିଜ ଲବଣ ଦ୍ରବୀଭୂତ ହୋଇ ମୃତ୍ତିକା ଦ୍ରବଣ ସୃଷ୍ଟି କରେ। ଗଛର ଚେର ଦେଇ ଗଛ ଦେହକୁ ଯାଇ ଏହାର ବିକାଶ କରାଏ।
- ପୁଣି ଦେଖାଯାଏ ଯେ ମାଟିରେ ଥିବା ଏହା ସୂକ୍ଷ୍ମ ଖଣ୍ଡ ବା କଲଏଡ୍ ସହିତ ମୃତ୍ତିକା ଦ୍ରବଣ ସର୍ବଦା ଚାର୍ଜିତ ଅଣୁ ବା ଆୟାନ ଦିଆନିଆ କରୁଥାଏ। ଆଉ ମୃତ୍ତିକା ଦ୍ରବଣ ଗଛର ସୂକ୍ଷ୍ମ ଚେର ସହିତ ମଧ୍ୟ ବିଭିନ୍ନ ଆୟନ ବିନିମୟ କରେ।
- ଠିକ ଗୋଟିଏ ହୋଟେଲରେ ୱେଟର ବା ପରିବେଷଣକାରୀ ରୋଷେଇ ଘରୁ ଖାଦ୍ୟ ଦ୍ରବ୍ୟ ଆଣି ଆମକୁ ଖାଇବାକୁ ଦେଲା ପରି ମୃତ୍ତିକା ଦ୍ରବଣ ମାଟି ଦେହରୁ ସଠିକ ଖାଦ୍ୟ ସଂଗ୍ରହ କରି ଗଛ ଚେରକୁ ଯୋଗାଏ।

ମାଟିରେ ଥିବା ଖଣିଜ ପଦାର୍ଥ ଓ ଶିଳା

- ସାଧାରଣ ମାଟିର ହାରାହାରି ୪୫% ଖଣିଜ ପଦାର୍ଥ ଓ ପଥରରେ ପରିପୂର୍ଣ୍ଣ ରହେ। ସମ୍ପୃକ୍ତ ବିଜ୍ଞାନକୁ ପେଟ୍ରୋଲୋଜି କୁହାଯାଏ।
- ମୂଳ ଆଧାର ଉତ୍ପତ୍ତିର ପ୍ରକାର ଭେଦ ଅନୁସାରେ ଶିଳା ମାନଙ୍କୁ ତିନି ଭାଗରେ ବିଭକ୍ତ କରାଯାଏ।
- ଆଗ୍ନେୟ ଶିଳା : ସୃଷ୍ଟିର ପ୍ରାରମ୍ଭରେ ପୃଥିବୀର ଉପରିଭାଗ ଅତି ଉତ୍ତପ୍ତ ତରଳ ଥିଲା । ଏହା ସୃଷ୍ଟିର ଆଦ୍ୟ ତରଳ ପଦାର୍ଥ ଧୀରେ ଧୀରେ ଶୀତଳ ହୋଇ ତରଳରୁ କଠିନ ହୋଇ ଶିଳା ସୃଷ୍ଟି ହୋଇଥିଲା। ଏହାକୁ ଆଗ୍ନେୟ ଶିଳା କୁହାଗଲା।
- ପରିବାହିତ ଶିଳା : ବିଭିନ୍ନ କାରଣରୁ ଆଗ୍ନେୟ ଶିଳା କ୍ଷୟ ହେବାପରେ ପରିବାହିତ ହୋଇ ଅନ୍ୟ ସ୍ଥାନରେ ଜମା ହେଲା। ଏହା ତାପ ଓ ଚାପ ଯୁକ୍ତ ହୋଇ ପୁଣି କଠିନ ହୋଇ ଶିଳାରେ ପରିଣତ ହେଲା। ଏହାକୁ ପରିବାହିତ ଶିଳା କୁହାଗଲା।
- ରୂପାନ୍ତରିତ ଶିଳା : କିଛି ଶିଳା ଯେତେବେଳେ ଚାପ ଓ ତାପ ଦ୍ୱାରା ନିଜର ଗୁଣ ବଦଳାଏ। ଏହାକୁ ରୂପାନ୍ତରିତ ଶିଳା କୁହାଯାଏ।

ଆଗ୍ନେୟ ଶିଳା Igneous rocks (Latin ignis, means fire)

- ପୃଥିବି ପୃଷ୍ଠର ସମଗ୍ର ଶିଳା ଜଗତର ୯୫% ଶିଳା ଆଗ୍ନେୟ ଶିଳା, ପୁଣି ସମଗ୍ର ଆଗ୍ନେୟ ଶିଳାର ୮୮% ଫେଲ୍ଡସ୍ପାର କ୍ୱାର୍ଜ ଓ ଅମ୍ଫିବୋଲ।
- ଭୂ ପୃଷ୍ଠରୁ ୨-୩ ମାଇଲ ଗଭୀରରେ ଥିବା ଆଗ୍ନେୟ ଶିଳାକୁ ପ୍ଲୁଟୋନିକ ଶିଳା କୁହାଯାଏ।
- ମଧ୍ୟବର୍ତ୍ତୀ ସ୍ଥାନରେ ସୃଷ୍ଟ ଆଗ୍ନେୟ ଶିଳାକୁ ଇଣ୍ଟ୍ରୁସିଭ୍ ଶିଳା କୁହାଯାଏ।
- ପୃଥିବୀ ପୃଷ୍ଠରେ ସୃଷ୍ଟି ହୋଇଥିବା ଆଗ୍ନେୟ ଶିଳାର ନାମ ଏକ୍ସଟ୍ରୁସିଭ୍ ଶିଳା କୁହାଯାଏ।
- ଭୂ-ପୃଷ୍ଠରେ ଥିବା ଆଗ୍ନେୟ ଶିଳାରେ ସିଲିକା ତତ୍ତ୍ୱ ପରିମାଣ ଅନୁସାରେ ଏହାକୁ ଚାରି ଭାଗରେ ବିଭକ୍ତ କରାଯାଏ।
- ଯେତେବେଳେ SiO2 ପରିମାଣ ୬୫% ରୁ ଅଧିକ ଥିଲେ ଏହା ଅମ୍ଳୀୟ ରହେ (ଉଦାହରଣ ରାଥ୍ୟୋଲାଇଟ୍ ଗ୍ରାନାଇଟ, ପେଗମାଇଟ, କାଲସିଡିଆନ, ବାସଲ୍ଟ)।
- ଯେତେବେଳେ SiO2 ପରିମାଣ ୫୫-୬୫% ମଧ୍ୟରେ ଥିଲେ ଏହା ମଧ୍ୟମ ଅମ୍ଳୀୟ ରହେ । (ଉଦାହରଣ ସାଏନାଇଟ ଡାୟୋରାଇଟ)
- ଯେତେବେଳେ SiO2 ପରିମାଣ ୪୫-୫୫% ମଧ୍ୟରେ ଥିଲେ ଏହା କ୍ଷାରୀୟ ରହେ। (ଉଦାହରଣ ବାସଲ୍ଟ)
- ଯେତେବେଳେ SiO2 ପରିମାଣ ୪୪% ଠାରୁ କମ ଥିଲେ ଏହା ଅତି କ୍ଷାରୀୟ ରହେ। (ଉଦାହରଣ ପିକ୍ରାଇଟ୍)

ପରିବାହିତ ଶିଳା ବା Sedimentary rocks

- ବିଭିନ୍ନ କାରଣରୁ ଆଗ୍ନେୟ ଶିଳା କ୍ଷୟ ହେବା ପରେ ପରିବାହିତ ହୋଇ ଅନ୍ୟ ସ୍ଥାନରେ ଜମା ହୁଏ । ଏହା ଚାପଯୁକ୍ତ ହୋଇ ପୁଣି କଠିନ ହୋଇ ଶିଳାରେ ପରିଣତ ହୁଏ । ଏହାକୁ ପରିବାହିତ ଶିଳା କୁହାଯାଏ । ଏଥିରେ ବିଭିନ୍ନ ସ୍ତର ଦେଖାଯାଏ ତେଣୁ ଏହାକୁ ସ୍ତରୀଭୂତ ଶିଳା କୁହନ୍ତି ।

ଯଥା (ବାଲି ପଥର, ଚୂନପଥର, ସେଲପଥର, କଙ୍ଗ୍ଲୋମୋରେଟ୍)

- ଏସବୁ ପଥର ସୃଷ୍ଟିରେ ଜଳର ବିଶେଷ ଭୂମିକା ରହିଥିବାରୁ ଏସବୁକୁ ଜଳୀୟ ପଥର ମଧ୍ୟ କୁହାଯାଏ ।
- ପରିବାହିତ ଶିଳା ମାନଙ୍କରେ ବିଭିନ୍ନ ସ୍ତରକୁ ଯୋଡିବା ପାଇଁ ସିଲିକା ଚୂନ ଓ ଲୌହ ଅକ୍ସାଇଡ ସାହାଯ୍ୟ କରେ ।
- ପୃଥିବୀ ପୃଷ୍ଠରେ ପରିବାହିତ ଶିଳା କୃଷି ଓ ଶିଳ୍ପ କ୍ଷେତ୍ରରେ ଅତ୍ୟାବଶ୍ୟକ, ମାତ୍ର ଏହାର ପରିମାଣ ୫% ।

ପରିବାହିତ ଶିଳା / Sedimentary rocks

ଆକର ଅନୁସାରେ ପଥର ବିଭିନ୍ନ ଶ୍ରେଣୀରେ ବିଭକ୍ତ

୧. **ରୁଡାସିଆସ :** (ବାଲି ଗରଡା ବା ପେବଲ)

୨. **ଆରେନାସିଆସ :** (ସ୍ୟାଣ୍ଡଷ୍ଟୋନ)

୩. **ଅଗ୍ରିଲାସିଆସ :** (କେଓଲିନାଇଟ୍, ଲାଟେରାଇଟ)

କ୍ଷୟ ହୋଇଥିବା ଫେଲ୍ଡସ୍ପାର ଜମାଟ ହୋଇ ଚାଇନା କ୍ଲେ ବା କେଓଲିନାଇଟ ହୁଏ, କ୍ଷାର ହୀନ ପଥର କ୍ଷୟ ହୋଇ ଫାୟାର କ୍ଲେ ତିଆରି କରେ । ବାସଲ୍ଟ ଓ ଗ୍ରାନାଇଟରୁ ଲାଟେରାଇଟ୍ ପଥର ତିଆରି ହୁଏ ।

ରୂପାନ୍ତରିତ ଶିଳା

1. Sands tone	Heat & Pressure →	Quartzite
2. Shale	Pressure →	Slate
3. Lime stone	Heat →	Marble
4. Granite	Pressure →	Gneiss (complete foliation, distinct separable layers)
5. Basalt	Pressure →	Schist (slight foliation, not distinct layers)

- ଜଳ ଅତ୍ୟଧିକ ଚାପ ଓ ଅତ୍ୟଧିକ ତାପର ପ୍ରଭାବରେ ଆଗ୍ନେୟ ଶିଳା, ପରିବାହିତ ଶିଳାର ରୂପ ଓ ଗୁଣରେ ଭିନ୍ନତା ସୃଷ୍ଟି ହୁଏ ।
- ଏହାକୁ ରୂପାନ୍ତରିତ ଶିଳା କୁହାଯାଏ । ଉଦାହରଣ –
- କ୍ୱାର୍ଜାଇଟ୍ ସ୍ଲେଟ, ମାର୍ବଲ ଗ୍ନେସ୍ ଚିଷ୍ଟ

ପ୍ରାଥମିକ ଖଣିଜ ପଦାର୍ଥ /Primary minerals

When a mineral arises from the cooling and solidification of a molten mass is called primary minerals.

୧. ଅର୍ଥୋ କ୍ଲେଜ ଫେଲ୍ଡସ୍ପାର Orthoclase feldspar –KAlSi3O8
୨. ପ୍ଲାଜିଓ କ୍ଲେଜ୍ ଫେଲ୍ଡସ୍ପାର Plagioclase feldspar- NaAlSi3O 8,
୩. ଆନୋର୍ଥାଇଟ Anorthite feldspar - Ca(Al2Si2O8),
୪. କ୍ୱାର୍ଜ Quartz - SiO2,
୫. ହର୍ନ ବ୍ଲେଣ୍ଡ Hornblende - Ca2Al2Mg2Fe3 Si6O22(OH)2
୬. ମସ୍କୋ ଭାଇଟ Muscovite – KAl3Si3O1O(OH)2,
୭. ବାୟୋ ଟାଇଟ୍ KAl(Mg.Fe)3 Si3O1O(OH)2
୮. ଆଉଗୀଟ୍ Ca2(Al2.Fe4(Mg.Fe)4 Si6 O24

ଦ୍ୱିତୀୟକ ଖଣିଜ ପଦାର୍ଥ /Secondary minerals

When it arises through the metamorphism or weathering of Primary or other pre-existing minerals, it is called secondary minerals

୧. କାଲସାଇଟ - CaCO3,
୨. ମାଗ୍ନେସାଇଟ - MgCO3,
3. ଡୋଲମାଇଟ - CaMg(CO3)2,
୪. ସିଲି ରାଇଟ - FeCO3,
5. ଜିପସମ - CaSO4.2H2O,
6. ଆପାଟାଇଟ - Ca5(F,Cl)(PO4)3,
7. ଲିମୋନାଇଟ୍ - Fe2O3.3H2O,
୮. ହେମା ଟାଇଟ - Fe2O3
୯. ଗିବୋ ସାଇଟ - Al2O3. 3H2O

ସଲିକେଟ କ୍ଲେ ଖଣିର୍ଜ /Silicate clay minerals

1. କେଓଲିନାଇଟ୍ - kaolinite - Al4 [Si4O10] (OH)8,
2. ମଣ୍ଟମୋରଲୋନାଇଟ୍ - montmorillonite – Al2 [Si4O1O](OH)2.4H2O and
3. ହାଇଡ୍ରସ ମାଇକା - hydrous mica - K2Al4 (AlSi7)O2O (OH)4

ମୃତ୍ତିକା ଖଣିଜ ମାନଙ୍କର ରାସୟନିକ ବର୍ଗୀକରଣ

ଏହାକୁ ୮ଟି ଶ୍ରେଣୀରେ ବିଭକ୍ତ କରାଯାଇଛି

୧. ସିଲିକେଟ **Silicate:** These are the salts of silicic acid (H4SiO4). e.g. (i) muscovite – KAl3Si3O10(OH)2, (ii) biotite - KAl(Mg.Fe)3 Si3O1O(OH)2, (iii) epidote - Ca2(Al,Fe)Al2O(OH)(SiO4)(Si2O7), (iv) orthoclase feldspar – KalSi3O8, (v) zeolite – CaAlSi3O1O.7H2O, (vi) olivine - (Mg,Fe)2SiO4 and (vi) amphibole - (Na,Ca)2.(Mg,Fe,Al)5(Si,Al)8O22(OH)2

୨. ମୌଳିକ ପଦାର୍ଥ **Native elements:** The minerals of this group are made up of only one element. (i) graphite - C, (ii) diamond - C and (iii) sulphur - S.

୩. ଅକ୍ସାଇଡ୍ **Oxides:** e.g. (i) quartz - SiO2, (ii) hematite - Fe2O3, (iii) geothite - Fe2O3. H2O, (iv) Limonite - Fe2O3 3H2O, (v) magnetite - Fe3O4, (vi) pyrolusite - MnO2, (vii) rutile - TiO2 and (viii) gibbsite – Al2O3.3H2O

୪. ସଲଫେଟ୍ **Sulphate:** e.g. (i) gypsum - CaSO4. 2H2O, (ii) barite - BaSO4 and (iii) gypsum anhydrite - CaSO4,

୫. କାର୍ବୋନେଟ **Carbonate:** e.g. (i) calcite - CaCO3. (ii) magnite - MgCO3 and (iii) dolomite - CaMg(CO3)2.

୬. ସଲ୍ ଫାଇଡ୍ **Sulphide:** e.g. (i) copper pyrite - CuS2 and (ii) iron pyrite – FeS

୭. ଫସ୍‌ଫେଟ୍ **Phosphate:** e.g. (i) apatite – Ca5 (F,Cl,OH,O)(PO4)3 Apatite is the source of P in soils.

୮. ହାଲାଇଡ **Halides:** e.g. (i) flurorite (Flurospar) - CaF2 , (ii) rock salt (Halite)- NaCl and KCl

ମାଟି କିପରି ତିଆରି ହେଲା ଭୌତିକ କାରଣ

ତାପମାତ୍ରା Temperature:

ସମସ୍ତ ପଦାର୍ଥ ତାପମାତ୍ରା ବଢିଲେ ପ୍ରସାରିତ ହୁଅନ୍ତି । ପଥର ଅଧିକ ତାପମାତ୍ରାରେ ପ୍ରସାରିତ ହୁଏ । ହଠାତ୍ ଥଣ୍ଡାହେଲେ ଏହା ଫାଟି ଯାଏ । ବାରମ୍ବାର ଗରମ ଥଣ୍ଡା ହୋଇ ପଥର ଖଣ୍ଡ ଖଣ୍ଡ ହୋଇ ଛୋଟ ହୋଇଯାଏ । ଏହି ପ୍ରକ୍ରିୟାକୁ ଏକ୍ସଫୋଲିଏସନ୍ 'exfoliation' କୁହାଯାଏ । ସୂର୍ଯ୍ୟ କିରଣରେ ଧଳା ପଥର ଅପେକ୍ଷା କଳା ପଥର ବେଶୀ ଉତ୍ତପ୍ତ ହୁଏ । ଥଣ୍ଡା ଅଞ୍ଚଳରେ ପଥର ଫାଙ୍କରେ ରହିଥିବା ଜଳ ବରଫ ହୋଇଗଲେ ମଧ୍ୟ ଫୁଲିଯାଏ ଆଉ ପଥରକୁ ଫଟାଇ ଦିଏ ।

ଜଳ ସ୍ରୋତ :

ଜଳରେ ସ୍ରୋତରେ ସରୁବାଲି ବାଲି ଗରଡା ଆଦି ସହଜରେ ଭାସିଯାଏ । ସ୍ରୋତ ବେଶୀ ପ୍ରଖର ହେଲେ ବଡ ବଡ ପଥର ଖଣ୍ଡକୁ ଭସାଇ ନିଏ । ଏଇ ସମୟରେ ପଥର ଅନ୍ୟ ପଥର ସହିତ ମାଡ ହୋଇ ଭାଙ୍ଗି ବାଲିରେ ପରିଣତ ହୁଏ ଓ ପରିବାହିତ ହୋଇ ଅନ୍ୟ ସ୍ଥାନକୁ ପଳାଏ । ଏହାକୁ ଏସ୍କାଭେସନ ଡିନୁଡେସନ୍ (excavation and denudation) କୁହାଯାଏ ।

ତ୍ରୀବ ଗତି ଯୁକ୍ତ ପବନ :

ପଥର ଉପରେ ବହୁଥିବା ତ୍ରୀବ ପବନ ପଥର ଦେହରେ ଘଷି ହୋଇ ରେଣୁ ଆକାରର ଖଣ୍ଡ ବିଚ୍ଛିନ୍ନ କରି ଉଡାଇ ନିଏ । ପଥର କ୍ଷୟ ହୋଇ ଯାଏ ।

ମାଟି କିପରି ତିଆରି ହେଲା ରାସାୟନିକ କାରଣ

ଦ୍ରବଣ :

ଶିଳା ମାନଙ୍କରେ ଥିବା ସୋଡିୟମ କ୍ଲୋରାଇଡ୍ ହାଲାଇଟ ଆଦି ଦ୍ରବୀଭୂତ ହେବା ପରେ ଶିଳା ଖଣ୍ଡ ହୋଇଯାଏ । ଜଳ ସହିତ ପ୍ରତିକ୍ରିୟା ଜଳ କିମ୍ବା ଜଳୀୟ ବାଷ୍ପ ସହିତ ପ୍ରତିକ୍ରିୟା Hydration: କରିବା ପରେ କିଛି ଶିଳାର ଅଣୁ ଜଳକୁ ନିଜ ସହିତ ମିଶାଇ ଦିଅନ୍ତି ଓ ନିଜେ କୋମଳ ହୋଇ ଭାଙ୍ଗି ଯାଆନ୍ତି ।

ହାଇଡ୍ରୋଲିସିସ Hydrolysis :

ଏଇ ପ୍ରତିକ୍ରିୟାରେ ଜଳରୁ ବାହାରିଯାଏ । ଫଳରେ ଜଳ ଅମ୍ଳ ପରି ସିଲିକାକୁ କ୍ଷୟ କରିଦିଏ ।

ଅକ୍ସିଡେସନ Oxidation :

କୌଣସି ପଦାର୍ଥରେ ଅମ୍ଳଜାନ ଅଣୁ ମିଶିଲେ ଏହାକୁ ଅକ୍ସିଡେସନ (Oxidation) କୁହାଯାଏ ।

ରିଡକ୍ସନ୍ Reduction :

କୌଣସି ପଦାର୍ଥରୁ ଅମ୍ଳଜାନ ଅଣୁ ବାହାରିଗଲେ ତାହାକୁ ରିଡକ୍ସନ୍ କୁହାଯାଏ ।

କାର୍ବୋନେସନ Carbonation :

ଜଳରେ ଅଙ୍ଗାରକାମ୍ଳ ଦ୍ରବୀଭୂତ ହୋଇ କାରବୋନିକ ଅମ୍ଳ ହୁଏ । ଏହା ଶିଳା କ୍ଷୟ କରେ ।

ଭାରତୀୟ ମାଟିର ପ୍ରକାର

ଆମ ଦେଶରେ ମୁଖ୍ୟତଃ ୧୧ ପ୍ରକାରର ମାଟି ଦେଖାଯାଏ । ଯଥା

୧. ନାଲି ମାଟି / Red soils
୨. କରକଚା ମାଟି / Lateritic soils
୩. କଳା ମାଟି / Black soil
୪. ପଟୁଆ ମାଟି / Alluvial soils
୫. ମରୁଭୂମି ମାଟି / Desert soils
୬. ଲୁଣୀ ଓ କ୍ଷାର ମାଟି / saline and alkaline soils
୭. ଆର୍ଦ୍ର ସନ୍ତସନ୍ତିଆ ମାଟି / Peaty and marshy soils
୮. ତରାଇ ମାଟି / Tarai soils
୯. ବାଦାମି ପାହାଡିଆ ମାଟି / Brown hill soils
୧୦. ପହାଡ ତଳି ମାଟି / Sub-mountain soils
୧୧. ପାହାଡ ଉପତ୍ୟକା / Mountain meadow soils

ମାଟିର ଉପାଦାନ ଓ ମାଟିର ଆଭ୍ୟନ୍ତର ଗଠନ ପରୀକ୍ଷା

ମାଟିର ଉପାଦାନ ପୃଥକୀକରଣ



ମାଟିର ଅଭ୍ୟନ୍ତର ପ୍ରୋଫାଇଲ୍



ମୃତ୍ତିକା ମାନଙ୍କର ଉପାଦନର ଆକାର

Soil Separate	Diameter range (mm)
Coarse sand	2.00 to 0.200
Fine sand	0.200 to 0.020
Silt	0.020 to 0.002
clay	< 0.002

ମାଟିର ବଲ୍କ ଡେନ୍ସିଟି

Textural class	Bulk density (g/cc)	Pore space (%)
Sandy soil	1.6	40
Loam	1.4	47
Silt loam	1.3	50
Clay	1.1	58

- ନିର୍ଦ୍ଦିଷ୍ଟ ମାଟିକୁ ଓଭାନରେ ଶୁଖାଇ ତାର ଓଜନ କରିବାକୁ ବଲ୍କ ଡେନ୍ସିଟି କୁହାଯାଏ।
- ବଲ୍କ ଡେନ୍ସିଟି ପାର୍ଟିକଲ ଡେନ୍ସିଟି ଠାରୁ ସବୁବେଳେ କମ ରହେ।
- ମାଟି ଯେତେ ଗୁଣ୍ଡ ହେବ ବଲ୍କ ଡେନ୍ସିଟି ସେତେ କମିବ।
- କମ ବଲ୍କ ଡେନ୍ସିଟିର ମାଟି ଅଧିକ ଉପଯୁକ୍ତ

ମୃତ୍ତିକାର ଛିଦ୍ର / pore space

- in sandy soils, pores are quite large, thus total pore space is less.
- In fine textures soils, there is possibility of more granulation and more total pore space .

Textural class	Clay content	Av. Pore space (%)
Heavy clay	>55	51.09
Clay	40-55	48.45
Sandy clay loam	20-30	45.45
Sand	<10	42.54

ମାଟିରେ ପୋର ସ୍ପେସ୍ କାହାକୁ ପ୍ରଭାବିତ କରେ

- ମାଟି ଆକୃତି
- ମାଟି କଣିକା ମାନଙ୍କର ସଂଗଠନ
- ମାଟିର ଜୈବିକ ପଦାର୍ଥ
- ମାଟିର ଅଣୁଜୀବ
- ମାଟିର ଗଭୀରତା
- ମାଟିରେ ହେଉଥିବା ଫସଲ

ମୃତ୍ତିକା ଦ୍ରବଣର PH ମୂଲ୍ୟ

- ନିଉଟ୍ରାଲ ମାଟିରେ ପ୍ରତି ଲିଟର ମାଟି ଦ୍ରବଣରେ ଉଦ୍‌ଯାନ ଆୟନ ପରିମାଣ : 0.0000001 or 1 X 10-7 ରହେ।
- ଏହାର pH ମୂଲ୍ୟ = log 10,00,000 = 7
- ଯେତେବେଳେ pH ର ମୂଲ୍ୟ ୬ ରହେ ସେତେବେଳେ 0.0000001 ଗ୍ରାମ ହାଇଡ୍ରୋଜେନ ଆୟନ ମିଳେ ph 7 ଠାରୁ ୧୦ ଗୁଣ ଅଧିକ।
- pHର ମୂଲ୍ୟ ୭ ରୁ କମିଲେ ମାଟିକୁ ଅମ୍ଳ ମାଟି ୭ ରୁ ଅଧିକ ହେଲେ ଏହାକୁ କ୍ଷାର ମାଟି କୁହାଯାଏ।

ଗଛ କିପରି ମାଟିରୁ ପୋଷକ ତତ୍ତ୍ୱ ପାଏ

- ମୃତ୍ତିକାର ଛିଦ୍ରରେ ଜଳ ରହେ, ଗଛ ତାର ବୃଦ୍ଧି ପାଇଁ ଏହି ଜଳକୁ ଶୋଷଣ କରି ପତ୍ରକୁ ପଠାଏ।
- ଜଳରେ ବିଭିନ୍ନ ଖଣିଜ ଲବଣ ଦ୍ରବୀଭୂତ ହୋଇ ମୃତ୍ତିକା ଦ୍ରବଣ ସୃଷ୍ଟି କରେ। ଏହା ଗଛର ଚେର ଦେଇ ଗଛ ଦେହକୁ ଯାଇ ଏହାର ବିକାଶ କରାଏ।
- ପୁଣି ଦେଖାଯାଏ ଯେ ମାଟିରେ ଥିବା ଏହାର ସୂକ୍ଷ୍ମ ଖଣ୍ଡ ବା କଲଏଡ୍ ସହିତ ମୃତ୍ତିକା ଦ୍ରବଣ ସର୍ବଦା ଚାର୍ଜିତ ଅଣୁ ବା ଆୟନ ଦିଆନିଆ କରୁଥାଏ ଆଉ ମୃତ୍ତିକା ଦ୍ରବଣ ଗଛର ସୂକ୍ଷ୍ମ ଚେର ସହିତ ମଧ୍ୟ ବିଭିନ୍ନ ଆୟନ ବିନିମୟ କରେ। ଏହି ପ୍ରକ୍ରିୟାରେ ଅଦ୍ରବଣୀୟ ପୋଷକ ତତ୍ତ୍ୱ ମଧ୍ୟ ଗଛ ଶୋଷିପାରେ।
- ଠିକ ଗୋଟିଏ ହୋଟେଲରେ ୱେଟର ବା ପରିବେଶଣକାରୀ ରୋଷେଇ ଘରୁ ଖାଦ୍ୟ ଦ୍ରବ୍ୟ ଆଣି ଆମକୁ ଖାଇବାକୁ ଦେଲା ପରି ମୃତ୍ତିକା ଦ୍ରବଣ ମାଟି ଦେହରୁ ସଠିକ ଖାଦ୍ୟ ସଂଗ୍ରହ କରି ଗଛ ଚେରକୁ ଯୋଗାଏ।

ମାଟିର ରୂପ ବିନ୍ୟାସ ଗୁଣବତ୍ତା ଓ ଉର୍ବର ମାଟିର ପରିଭାଷା

- ମାଟିରେ ଥିବା ବାଲି ପଟୁ ଓ କର୍ଦ୍ଦମର ଅନୁପାତକୁ ଏହାର ରୂପ ବିନ୍ୟାସ ବା Texture କୁହାଯାଏ।
- ମାଟିର ଟେକ୍ସଚର ଅନେକ ଗୁଣବତ୍ତାକୁ ନିୟନ୍ତ୍ରଣ କରେ ଯଥା drainage, water holding capacity, aeration and the nutrient availability।
- ବାଲିଆ ମାଟି Sandy soil Low fertility and water holding capacity but good aeration।
- ପଟୁଆ ମାଟି Silty soil - Soil with medium particle generally deposited in river banks and valleys।
- ମଟାଳ ମାଟି Clayey soil High fertility and poor aeration, hard to plough. The depth of soil to which the roots of a plant can readily penetrate to in order to reach water and nutrients।
- ଦୋରସାମାଟି Loamy soil Medium fertility and good aeration।
- ମାଟିର ଗଭୀରତା Minimum of 3-5 feet is desirable, deeper soils are better because they can hold more nutrients and water।

ମୃତ୍ତିକାରେ ଜୈବପଦାର୍ଥ ମାନଙ୍କର କାର୍ଯ୍ୟ

- ଜୈବିକ ପଦାର୍ଥ ମୃତ୍ତିକାସ୍ଥ ଉପକାରୀ ଜୀବ ଓ ଅଣୁଜୀବମାନଙ୍କ ପାଇଁ ଖାଦ୍ୟ ଓ କାର୍ଯ୍ୟକାରୀ ଶକ୍ତିର ଉତ୍ସ ।
- ଜୈବ ପଦାର୍ଥର ଯବକ୍ଷାରଜାନ, ଗନ୍ଧକ, ଫସଫରସ, ମାଗ୍ନେସିୟମ ପ୍ରଭୃତି ମୁଖ୍ୟ ଖାଦ୍ୟ ଉପାଦାନ ଗୁଡିକ ଯଥେଷ୍ଟ ଥାଏ । ଜୈବ ପଦାର୍ଥ ବିପଚନ ଓ ଅପଘଟନ ହେଲେ ଏହିସବୁ ଖାଦ୍ୟ ଉପାଦାନ ସରଳ ଯୌଗିକରେ ପରିଣତ ହୁଏ ଓ ଗଛ ଦ୍ୱାରା ବ୍ୟବହୃତ ହୁଏ ।
- ଜୈବିକ ପଦାର୍ଥରେ ଲୌହ, ମାଙ୍ଗାନିଜ, ବୋରନ ପ୍ରଭୃତି ଅଣୁଖାଦ୍ୟ ଉପାଦାନ ରହିଥାଏ । ଜୈବ ପଦାର୍ଥ ଅପଘଟନ ହେଲେ ସେହି ଖାଦ୍ୟ ଉପାଦାନ ମଧ୍ୟ ଫସଲକୁ ସୁଲଭ ହୋଇଥାଏ ।
- ଜୈବ ପଦାର୍ଥର ଅପଘଟନ ହେତୁ ଯେଉଁ ଜୈବିକ ଅମ୍ଳ ନିର୍ଗତ ହୁଏ ତାହା ମୃତ୍ତିକାସ୍ଥ କ୍ଲିଷ୍ଟ ଖଣିଜ ଲବଣ ଗୁଡିକୁ ଦ୍ରବୀଭୂତ କରିବାରେ ସହାୟକ ହୁଏ ତେଣୁ ସେହି ଖଣିଜ ପଦାର୍ଥରୁ ଉଦ୍ଭିଦ ଖାଦ୍ୟ ଉପାଦାନ ସରଳ ଯୌଗିକ ଆକାରରେ ମୃତ୍ତିକାରେ ମିଶେ ଓ ମୃତ୍ତିକା ଉର୍ବର ହୁଏ ।
- ଜୈବ ପଦାର୍ଥ ଅପଘଟନ ହେଲେ ସେଥିରୁ ହ୍ୟୁମସ୍ ନାମକ ଗାଢ ରଙ୍ଗର ଚିକ୍କଣ ଅଠାଳିଆ ସୂକ୍ଷ୍ମ ପଦାର୍ଥ ସୃଷ୍ଟି ହୁଏ । ଏହା ମୃତ୍ତିକାର ଦାନା ଗଠନ ପାଇଁ ସହାୟକ ହୁଏ । ଏହାଦ୍ୱାରା ମୃତ୍ତିକାର ଭୌତିକ ଗୁଣ ଉନ୍ନତ ହୁଏ । ଏହାର ଜଳ ଧାରଣ ଓ ଜଳ ନିଷ୍କାସନ ଗୁଣର ଉନ୍ନତି ହୁଏ । ମୃତ୍ତିକା ସଚ୍ଛିଦ୍ର ଓ ହାଲୁକା ରହେ ଏବଂ ଏଥିରେ ଭଲ ବାୟୁ ଚଳାଚଳ ଓ ଚେର ବୃଦ୍ଧି ଭଲ ହୁଏ ।

ମୃତ୍ତିକାରେ ଜୈବପଦାର୍ଥ ମାନଙ୍କର ଉପକାରିତା

- ଅଧିକ ଜୈବ ପଦାର୍ଥ ଥିବା ମାଟିର ରଙ୍ଗ ଗାଢ ଧୂସର ଦେଖାଯାଏ । ଏହି ମାଟି ଅଧିକ ଉତ୍ତାପ ଧରି ରଖେ । ତେଣୁ ମଞ୍ଜିର ଅଙ୍କୁରୋଦଗମ ଓ ଚାରା ଗଛର ଚେର ବୃଦ୍ଧି ତ୍ୱରାନ୍ୱିତ ହୁଏ ।
- ଅଧିକ ହ୍ୟୁମସ୍ ଥିବା ମାଟିର ଧନାତ୍ମକ ଆୟନ ବିନିମୟ ଶକ୍ତି ଅଧିକ । ତେଣୁ ଅଧିକ ଉଦ୍ଭିଦ ଖାଦ୍ୟ ଉପାଦାନ ବିନିମୟଶୀଳ ଅବସ୍ଥାରେ ରହିପାରେ ଏବଂ ଫସଲକୁ ଅଧିକ ସୁଲଭ ହୁଏ ।
- ହ୍ୟୁମସ୍ ମୃତ୍ତିକାସ୍ଥ ଅକସାଇଡ କର୍ଦ୍ଦମ ଏବଂ ମୁକ୍ତ ଚୂନ ଦ୍ୱାରା ଯେଉଁ ଫସଫରସ୍ ନିବନ୍ଧନ ହୁଏ । ତାହା ପ୍ରତିରୋଧ କରେ । ତେଣୁ ଅଧିକ ଫସଫରସ୍ ଗ୍ରହଣୀୟ ଅବସ୍ଥାରେ ରହେ ।
- ଜୈବ ପଦାର୍ଥ ଅମ୍ଳତା ଓ କ୍ଷାରୀ ମାଟିର କୁପ୍ରଭାବ ହ୍ରାସ କରେ, ଲୁଣି ମାଟିରେ ଥିବା ଅତ୍ୟଧିକ ଦ୍ରବଣୀୟ ଲବଣ ଓ ସୋଡିୟମର ଖରାପ ପ୍ରଭାବରୁ ଫସଲକୁ ରକ୍ଷାକରେ ।

ମୃତ୍ତିକା ଜୈବ ପଦାର୍ଥ କିପରି ବଢାଇବା

- ଫସଲର ଅବଶେଷକୁ ପୋଡିବା ନାହିଁ ସେଇ କ୍ଷେତରେ ପୋତିଦେବା ।
- କମ୍ପୋଷ୍ଟ ଖତର ପ୍ରୟୋଗ କରିବା
- ବିଭିନ୍ନ ଜୈବିକ ସାର ପ୍ରୟୋଗ କରିବା ।
- ସବୁଜ ପତ୍ର ଛାଡି କରଣ ସବୁଜ ସାର ଫସଲ ଚାଷ କରି ମାଟିରେ
- ସଠିକ ଫସଲ ପର୍ଯ୍ୟାୟ
- ମୃତ୍ତିକାକୁ କମ୍ ଚାଷ କରିବା
- ମୃତ୍ତିକା କ୍ଷୟକୁ ରୋକିବା

SOIL GRADIENT / ମାଟିର ଆନତ ଅବସ୍ଥା

- କୌଣସି କ୍ଷେତରେ ମୃତ୍ତିକାର ଗ୍ରେଡିଆଣ୍ଟ ବା ଆନତ ଅବସ୍ଥା ଜାଣିବା ଆବଶ୍ୟକ ।
- ଏହାକୁ ପ୍ରତିଶତରେ ମପାଯାଏ । ସିଧାସଳଖ ଦୂରତାରେ ୧୦୦ ଫୁଟ ଦୂରତାରେ ମାଟି କେତେ ଉଚ୍ଚା ବା ନିଚ୍ଚା ଏଥିରୁ ଜଣାପଡେ ।
- ୧% ଗ୍ରେଡିଏଣ୍ଟ ସବୁଠାରୁ ଭଲ ଅଧିକା ଗ୍ରେଡିଏଣ୍ଟ ରହିଲେ ଅଧିକା ମୃତ୍ତିକା କ୍ଷୟ ହୁଏ ।
- ଧାନ ଚାଷ ପାଇଁ ଗ୍ରେଡିଏଣ୍ଟ ନରହିବା ଆବଶ୍ୟକ ।

ଉର୍ବରତା ଓ ଉତ୍ପାଦିକତା

- ଉଦ୍ଭିଦର ସ୍ୱାଭାବିକ ବୃଦ୍ଧି ପାଇଁ ବିଭିନ୍ନ ଖାଦ୍ୟସାର ଗୁଡିକୁ ଆବଶ୍ୟକ ପରମାଣରେ ଉପଯୁକ୍ତ ଅନୁପାତରେ ଯୋଗାଇପାରିବାର ନିଜସ୍ୱ କ୍ଷମତାକୁ ମୃତ୍ତିକାର ଉର୍ବରତା କୁହାଯାଏ ।
- ମୃତ୍ତିକାର ଫସଲ ଉପୁଯାଇବା ବା ଭଲ ଅମଳ ଦେବା କ୍ଷମତା । ଏହା କେବଳ ଉର୍ବରତା ଉପରେ ନିର୍ଭର କରେ ନାହିଁ । ମୃତ୍ତିକାର ପ୍ରକାର ଏହାର ଭୌତିକ ଓ ରାସାୟନିକ ଗୁଣାବଳୀ, ଅବସ୍ଥିତି, ଜଳଧାରଣ ଓ ଜଳ ନିଷ୍କାସନ କ୍ଷମତା, ଗଭୀରତା ପ୍ରଭୃତିକୁ ନେଇ ପରିଚାଳନା ଉପରେ ଉତ୍ପାଦିକତା ନିର୍ଭର କରେ । ଏଣୁ ଉତ୍ପାଦିକତା = ଉର୍ବରତା + ପରିଚାଳନା ।
- କୁପରିଚାଳନା ହେତୁ ଉର୍ବର ମୃତ୍ତିକା ମଧ୍ୟ ଉତ୍ପାଦନ ହୀନ ହୋଇପାରେ ।
- ପ୍ରତ୍ୟେକ ଉତ୍ପାଦନକ୍ଷମ ମୃତ୍ତିକା ନିଶ୍ଚୟ ଉର୍ବର । କିନ୍ତୁ ପ୍ରତ୍ୟେକ ଉର୍ବର ମୃତ୍ତିକା ଉତ୍ପାଦନ କ୍ଷମ ନ ହୋଇପାରେ ।

ମାଟିର ଉର୍ବରତା / Soil fertility

- ମାଟି ଫସଲ ଚାଷ ପାଇଁ ପୋଷକ ତତ୍ତ୍ୱ ଯୋଗାଇ ପାରିବାର କ୍ଷମତାକୁ ମାଟିର ଉର୍ବରତା କୁହାଯାଏ ।
- ମାଟିର ଷ୍ଟ୍ରକ୍‌ଚର, ଟେକ୍ସଚର, ତାପମାତ୍ରା, ଜଳ, ଆଲୋକ, ପବନ ସମସ୍ତେ ମାଟିର ଉର୍ବରତା ପାଇଁ ଦାୟୀ ରହନ୍ତି ।
- ଗଛପାଇଁ ସମୁଦାୟ ୧୭ ଟି ମୌଳିକ ପଦାର୍ଥ ଆବଶ୍ୟକ ପଡେ, ଗଛ ଏସବୁ ବାୟୁରୁ ଓ ମାଟିରୁ ସଂଗ୍ରହ କରେ । ସେଗୁଡିକ ହେଲା
- C H O
  N P K
  Ca Mg S
  Fe Cu Zn Mn Cl Mo B Co

ଯବକ୍ଷାରଜାନ

- ଏହା **ହରିତ୍ କଣିକା ଗଠନ** ପାଇଁ ଗୋଟିଏ ଉପାଦାନ । ତେଣୁ ଆଲୋକ ସଂଶ୍ଳେଷଣ ପାଇଁ ଆବଶ୍ୟକ ।
- ଆମିନୋ ଏସିଡ୍ ଏବଂ ପୁଷ୍ଟିସାର ଖାଦ୍ୟ ପ୍ରସ୍ତୁତ ପାଇଁ ଆବଶ୍ୟକ । ଶରୀର ବୃଦ୍ଧି ପାଇଁ ନୂଆକୋଷ ସୃଷ୍ଟି ପାଇଁ ପୁଷ୍ଟିସାର ଆବଶ୍ୟକ । ଏଣୁ **ଶରୀର ବୃଦ୍ଧି ପାଇଁ** ଯବକ୍ଷାରଜାନ ଆବଶ୍ୟକ ।
- ଉଦ୍ଭିଦ ଶରୀରରେ ଥିବା ସବୁପ୍ରକାର **ପାଚକ ରସ ପ୍ରସ୍ତୁତି** ପାଇଁ ପୁଷ୍ଟିସାର ଗୋଟିଏ ଉପାଦାନ ।
- ଉପରୋକ୍ତ ଭୂମିକା ଦୃଷ୍ଟିରୁ ସବୁ ପ୍ରକାର ପାଚକ ରସ ପ୍ରସ୍ତୁତ ଓ ଶରୀର ଅଭିବୃଦ୍ଧି ପାଇଁ ଯବକ୍ଷାର ଉପାଦାନ ଆବଶ୍ୟକ ।

ଫସଫରସ

- ଅଙ୍କୁରୋଦଗମ ପରେ **ଚେରର ବୃଦ୍ଧି ଓ ସଂପ୍ରସାରଣ** ପାଇଁ ଏହି ଉପାଦାନ ଆବଶ୍ୟକ । ଏହା ଫଳରେ ଚାରାଗଛ ପ୍ରଥମରୁ ବଳୁଆ ହୋଇ ଶୀଘ୍ର ବଢେ ।
- ସୂର୍ଯ୍ୟରଶ୍ମିରୁ ହରିତ୍ କଣିକା ଦ୍ୱାରା ତାପଶକ୍ତି ଆହରଣ ଓ ଏହାର ଉପଯୋଗ ପାଇଁ ଯେଉଁ **ADP** ଏବଂ **ATP** ମୁଖ୍ୟ ଭୂମିକା ଗ୍ରହଣ କରେ, ଫସଫରସ ତାହାର ଏକ ଉପାଦାନ । ତେଣୁ ପ୍ରତ୍ୟେକ କୋଷର ଜୀବନୀ ଶକ୍ତିର ମୂଳଭିତ୍ତି ।
- ଶିମ୍ବ ଜାତୀୟ ଫସଲରେ **ଯବକ୍ଷାର ଆମ୍ଳିକରଣ ଏବଂ ମଞ୍ଜିଦାନା ହୃଷ୍ଟପୃଷ୍ଟ** ହେବା ପାଇଁ ଏହା ପ୍ରୟୋଜନ ।
- ଉଦ୍ଭିଦ ଶରୀରରେ ଜୈବ ଓ **ଅଜୈବ ଅମ୍ଳଗୁଡିକର ମାତ୍ରା କମାଇବା** ପାଇଁ ଏହା ଆବଶ୍ୟକ ।

ପୋଟାସିଅମ

- ଗଛ ଦେହରେ ଅନ୍ୟ **ପୋଷକ ତତ୍ତ୍ୱର ପରିବହନ** ପାଇଁ ସାହାଯ୍ୟ କରେ ।
- ଗଛକୁ **ସଠିକ୍ ବୃଦ୍ଧି ଓ ଆକାର** ଦିଏ ।
- ଗଛରେ ଜଳାଭାବ ଥଣ୍ଡା **ପୋକ ରୋଗ ଆଦି ପାଇଁ ସହନଶୀଳତା** ସୃଷ୍ଟି ହୁଏ ।
- ବର୍ଷ ବର୍ଷ ଧରି **ବନ୍ଧ୍ୟା ରହିଥିବା ଫଳ ଗଛରେ** ସଠିକ ପୋଟାସ ପ୍ରୟୋଗ କଲେ ଫୁଲ ଫଳ ଆସେ ।
- ଯବକ୍ଷାରଜାନ ଫସ୍‌ଫରସର **ଶୋଷଣ ବୃଦ୍ଧି** କରେ ।
- ଧାନର **ଶୋଇଯିବା ବନ୍ଦକରେ** ।
- ମୂଳ ଫସଲରେ **ଚେର ଓ କନ୍ଦ ବଡ** ହୁଏ ।

ମାଗ୍ନେସିଅମ

- ଏହା **ପତ୍ରହରିତ କଣିକାର ଗୋଟିଏ ଉପାଦାନ** ତେଣୁ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟା ସହିତ ସଂପୃକ୍ତ ।
- ଚେରରୁ ପତ୍ରକୁ ଫସଫରସ୍ ଉପାଦାନର ସ୍ଥାନାନ୍ତରଣ ଏବଂ ବିଭିନ୍ନ ଫସଫେଟ୍ ଯୁକ୍ତ **ପାଚକ ରସ ତିଆରିରେ** ଏହା ସଂପୃକ୍ତ ।
- ଉଦ୍ଭିଦ ମଧ୍ୟରେ ଅତ୍ୟାବଶ୍ୟକ **ଜୈବ ଅମ୍ଳ ପ୍ରସ୍ତୁତିରେ** ଏହା ଆବଶ୍ୟକ ହୁଏ ।

ଗନ୍ଧକ

- ଏହା **ସିଷ୍ଟନ, ସଷ୍ଟେଇନ୍, ମେଥିଓନିନ** ପ୍ରଭୃତି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଏବଂ ପୁଷ୍ଟିସାର ଗଠନ ପାଇଁ ଆବଶ୍ୟକ ।
- **ଯବକ୍ଷାର ନିବନ୍ଧନ** ପରେ ତାହାକୁ ପୁଷ୍ଟିସାରରେ ପରିଣତ କରିବା ପାଇଁ ଗନ୍ଧକ ପ୍ରୟୋଜନ । ତେଣୁ ଯବକ୍ଷାର ନିବନ୍ଧନ ପ୍ରକ୍ରିୟା ସହିତ ଏହାକୁ ଜଡିତ କରାଯାଇଛି ।
- କେତେକ ଭିଟାମିନ୍ ଯଥା **ବାୟୋଟିନ୍, ଥାୟୋମିନ୍ ପ୍ରଭୃତି ସଂଶ୍ଳେଷଣ** ପାଇଁ ଗନ୍ଧକ ଗୋଟିଏ ଉପାଦାନ ।
- ଉଦ୍ଭିଦ କାଣ୍ଡର **ମଞ୍ଜଟିସୁ ଗଠନ ସହିତ** ଏହା ସଂପୃକ୍ତ ।

ଲୌହ, ମାଙ୍ଗାନିଜ ଓ ତମ୍ବା

- ଉପରୋକ୍ତ ଧାତବ ଉପାଦାନଗୁଡିକ ଉଦ୍ଭିଦ ଶରୀରରେ **କାରଣ-ବିଜାରଣ ପ୍ରକ୍ରିୟା** ସହିତ ସଂପୃକ୍ତ ପାଚକ ରସ ଗୁଡିକର ସକ୍ରିୟକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ।
- ଲୌହ, ତମ୍ବା ଏବଂ ଦସ୍ତା କେତେକ ଭିଟାମିନ୍, **ବୃଦ୍ଧି ଉଦ୍ଦୀପକ ପ୍ରଭୃତିର ସଂଶ୍ଳେଷଣ** ସହିତ ସଂପୃକ୍ତ ।
- ଉଦ୍ଭିଦ ଶରୀରରେ **ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର ପ୍ରଭୃତି ଖାଦ୍ୟର ସଂଶ୍ଳେଷଣ** ଏବଂ ବିପଚନ ପ୍ରକ୍ରିୟାରେ ସଂପୃକ୍ତ ଥିବା ଅଧିକାଂଶ ପାଚକ ରସର ସକାରକ ଭାବରେ କାର୍ଯ୍ୟ କରନ୍ତି ।
- **ଲୌହ ଏବଂ ମାଙ୍ଗାନିଜ ହରିତ୍ କଣିକା ଗଠନ** ଓ ଏହାର ଆଲୋକ ସଂଶ୍ଳେଷଣ ପ୍ରକ୍ରିୟା ସହିତ ସଂପୃକ୍ତ ।

କୋବାଲଟ୍

- ଏହା ଭିଟାମିନ୍ B_{12}ର ଏକ ଉପାଦନ ।
- ଶାକାଣୁ ଗୁଡିକାରେ ଯବକ୍ଷାର ନିବନ୍ଧନ ପାଇଁ ପ୍ରୟୋଜନ ହେଉଥିବା ଲେଗ ହେମୋଗ୍ଲୋବିନ୍ ତିଆରି ପାଇଁ ଭିଟାମିନ୍ ଆବଶ୍ୟକ ।
- ତେଣୁ ସହଜୀବି କ୍ଷବକ୍ଷାର ନିବନ୍ଧନ ପାଇଁ କୋବାଲଟ୍ ଆବଶ୍ୟକ ।
- କୋବାଲଟ୍ ମଧ୍ୟ କେତେକ ପାଚକ ରସର ସକ୍ରିୟକ ଭାବରେ ଏହା କାର୍ଯ୍ୟକରେ ।

ମଲିବଡେନମ୍

- ଉଦ୍ଭିଦ ଶରୀରରେ ନାଇଟ୍ରେଟ ବିଜାରଣକାରୀ ପାଚକ ରସର ଏହା ଗୋଟିଏ ଉପାଦାନ । ତେଣୁ ଯବକ୍ଷାର ଆମ୍ଳିକରଣ ଓ ପରିପାକ ପ୍ରକ୍ରିୟାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।
- ଅଣୁଜୀବମାନଙ୍କ ଦ୍ୱାରା ଯବକ୍ଷାର ନିବନ୍ଧନ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ନାଇଟ୍ରୋଜେନ ପାଚକ ରସର ଏହା ଗୋଟିଏ ଉପାଦାନ ।
- ଆଲୋକ ସଂଶ୍ଳେଷଣ ଏବଂ ଶ୍ୱେତସାର ପରିପାକ ପ୍ରକ୍ରିୟାରେ ଏହାର ଭୂମିକା ଥିବାର ଜଣା ଯାଇଛି ।

ବୋରନ୍

- ଉର୍ଦ୍ଧ୍ୱବାହୀ ଟିସୁ ଅଭିବୃଦ୍ଧି ପାଇଁ ଏହି ଉପାଦାନ ଆବଶ୍ୟକ ।
- ଶ୍ୱେତସାର ଖାଦ୍ୟର ସ୍ଥାନାନ୍ତୀକରଣ ଓ ପରିବହନରେ ଏହାର ଭୂମିକା ଥିବାର ଜଣା ଯାଇଛି ।
- ଭିତ୍ତି ଓ କୋଷର ଜଳୀୟ ପଦାର୍ଥ ସଂରକ୍ଷଣରେ ଏହା ସହାୟତା କରେ ।
- ପରାଗରେଣୁର ପରାଗ ସଙ୍ଗମ ଶକ୍ତିର ସୁରକ୍ଷା ପାଇଁ ଏହି ଉପାଦାନ ଆବଶ୍ୟକ ।
- ଉଦ୍ଭିଦ ଶରୀରରେ ଫିନୋଲିନ ଏସିଡ ଜମିଯିବାକୁ ଏହା ପ୍ରତିରୋଧ କରେ ।

କ୍ଲୋରିନ୍

- ପ୍ରାଥମିକ ଆଲୋକ ସଂଶ୍ଳେଷଣ ସମୟରେ ଅମ୍ଳଜାନ ନିର୍ଗମନ ପ୍ରକ୍ରିୟାରେ ଏହାର ଭୂମିକା ରହିଛି ।
- ଅଧୋବାହୀ ଟିସୁରେ ତନ୍ତୁ ଗଠନ ପାଇଁ ଏହା ଆବଶ୍ୟକ ।

ସହାୟତାକାରୀ ଉପାଦାନ ସୋଡିଅମ, ସିଲିକନ ଏବଂ ଭାନାଡିୟମ

- ସୋଡିଅମ୍, ସିଲିକନ ଏବଂ ଭାନାଡିୟମ ଉପାଦାନ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଉଦ୍ଭିଦର ଏକ ଅଣୁଜୀବମାନଙ୍କର ଅଭିବୃଦ୍ଧି ପାଇଁ ଆବଶ୍ୟକ ।
- ଉଦାହରଣ ସ୍ୱରୂପ – ସିଲିକନ୍, ଧାନ, ଆଖୁ, ମକା, ଜଅ ପ୍ରଭୃତି ଗଛର ନଡା ଓ ପତ୍ରକୁ ଶକ୍ତ କରେ ।
- ସୋଡିଅମ, ସୁଗାରବିଟ, କପା ପ୍ରଭୃତି ଗଛରେ ଲବଣ ସାନ୍ଦ୍ରତା ରକ୍ଷା କରେ ।
- ଭାନାଡିୟମ କୋବାଲଟ୍ ଭଳି ଯବକ୍ଷାର ନିବନ୍ଧରେ ସହାୟତା କରେ । ତେଣୁ ଉପାଦାନ ଗୁଡିକୁ "ସହାୟତାକାରୀ" ଉପାଦାନ କୁହାଯାଏ ।

ପିରିଅଡିକ ଟେବଲରେ ଗଛର ଆବଶ୍ୟକୀୟ ମୌଳିକ



ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା

- କୌଣସି ମଣିଷର ସ୍ୱାସ୍ଥ୍ୟ ପରୀକ୍ଷା ପରି ମାଟିର ସ୍ୱାସ୍ଥ୍ୟ ମଧ୍ୟ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ।
- ମାଟି ପରୀକ୍ଷା ଏକ ପରୀକ୍ଷାଗାରରେ କରାଯାଉଥିବା ରାସାୟନିକ ପଦ୍ଧତି ଯେଉଁଥିରେ ମାଟି ସାମ୍ପଲରେ ଥିବା ରାସାୟନିକ ଓ ଜୈବିକ ପଦାର୍ଥ ମାନଙ୍କର ମାତ୍ରା ନିରୂପଣ କରାଯାଏ ।
- ଏହାଦ୍ୱାରା ମାଟିରେ ଥିବା ବିଭିନ୍ନ ପୋଷକ ତତ୍ତ୍ୱ ବିଷାକ୍ତ ତତ୍ତ୍ୱ ଓ ହେଭି ମେଟାଲ ଆଦି ପରୀକ୍ଷା ଦ୍ୱାରା ଜଣାପଡେ ।
- ମାଟିରେ ଯେତେବେଳେ ଫସଲ ଚାଷ ପାଇଁ ବ୍ୟବହାର କରାଯାଏ । ସେତେବେଳେ ମାଟି ଏହା ଅତ୍ୟାବଶ୍ୟକ ରହେ ।
- କିନ୍ତୁ ଦେଖାଯାଉଛି ଯେ ଆଜିକାଲି ମାଟି ପରୀକ୍ଷା ଉପରେ ସେତେଟା ଗୁରୁତ୍ୱ ଦିଆଯାଉନି ।
- ଲୋକମାନେ କେବଳ ଅର୍ଥ ଉପାର୍ଜନ ପାଇଁ ଫସଲ ପରେ ଫସଲ ଉତ୍ପାଦନ କରି ମାଟିକୁ ଶୋଷି ଚାଲିଛନ୍ତି । ମାଟିର ଉତ୍ପାଦିକତା କମିଯାଉଛି ।
- ଏଣୁ ମାଟିର ସ୍ୱାସ୍ଥ୍ୟରକ୍ଷା ପାଇଁ ମାଟି ପରୀକ୍ଷା ପାଇଁ ସଚେତନତା ଆବଶ୍ୟକ ।
- କୌଣସି ଫସଲ ଚାଷ ପାଇଁ ମାଟି ଆବଶ୍ୟକ, ଗଛ ବଞ୍ଚିବା ଓ ବଢିବା ପାଇଁ ତାର ସମସ୍ତ ଆବଶ୍ୟକୀୟ ପୋଷକ ତତ୍ତ୍ୱ ମାଟିରୁ ନିଏ ।
- ଫସଲର ଅମଳ ମୁଖ୍ୟତଃ ତାର ମାଟି ଉପରେ ନିର୍ଭର କରେ ।
- ମାଟି ପରୀକ୍ଷା ପରେ କେବଳ ସଠିକ ପରିମାଣର ଉର୍ବରକ ଓ ସୁଧାରକ ଦିଆଯାଏ । ମାଟିର ଗୁଣବତ୍ତା ଓ ଉତ୍ପାଦିକତା ବଢେ ।

ମୃତ୍ତିକା ପରୀକ୍ଷଣର ଆବଶ୍ୟକତା ଅଛି କି ?

ଉପକାରିତା

- ଏହା ଦ୍ୱାରା ଆମେ ପ୍ରକୃତ ପୋଷକ ତତ୍ତ୍ୱ ର ଅଭାବ ଜାଣିବା ଓ ପ୍ରୟୋଗ କରି ଅମଳ ଓ ଉତ୍ପାଦିକତା ବଢାଇ ପାରିବା ।
- ଆମେ କ୍ଷେତର ବିଭିନ୍ନ ସ୍ଥାନରେ ବିଭିନ୍ନ ପୋଷକ ତତ୍ତ୍ୱର ଘନତ୍ୱ ଜାଣି ପାରିବା ।
- କ୍ଷେତରେ ସବୁଆଡେ ସମାନ ଫସଲ ବଢାଇବା ସମାନ ସମୟରେ ଫସଲ ଅମଳ ହେବ ।

ସାବଧାନତା

- ସାମ୍ପଲ ସଠିକ ନହେଲେ ପରୀକ୍ଷା ଫଳ ଭୁଲ ରହିବ ।
- ଏହା ଏକ ସାଧାରଣ ରାସାୟନିକ ପରୀକ୍ଷା ଏଥିରେ ମାଟିର ବ୍ୟବହାରିକ ଗୁଣ ଜଣା ପଡିବନି ।
- ମାଟିର ଗଛ ବଢିବା ପ୍ରତି ଅନୁକୂଳତା ନିରୂପଣ ରିପୋର୍ଟର ସଠିକତା ଓ ରିପୋର୍ଟର ସଠିକ ବ୍ୟାଖ୍ୟା କରିବା ସାଧାରଣ ଲୋକ ପାଇଁ କଷ୍ଟକର ବ୍ୟାପାର ।
- ମାଟି ପରୀକ୍ଷା ଏକ ସୁଲଭ ପ୍ରକ୍ରିୟା ଯେଉଁଥିରେ ଆମେ ମାଟିରେ ଗଛ ପାଇଁ ପୋଷକ ତତ୍ତ୍ୱ କେତେ ପରିମାଣରେ ଅଛି ଜାଣି ପାରିବା । ଆଉ ଫସଲ ଲଗାଇବା ଆଗରୁ କେଉଁ ପୋଷକ ତତ୍ତ୍ୱ କେତେ ପରିମାଣରେ ଆବଶ୍ୟକ ପଡୁଛି ଦେଇ ପାରିବ ।

ମାଟି ସାମ୍ପଲ ସଂଗ୍ରହ ପାଇଁ ନିୟମ

- କେତେବେଳେ ମୃତ୍ତିକା ସଂଗ୍ରହ ହେବ ।
- କୌଣସି ଫସଲ ଲଗାଇବା ପୂର୍ବରୁ ଫସଲ ଅମଳ ପରେ ।
- କୌଣସି ଜୈବିକ କିମ୍ବା ରାସାୟନିକ ଉର୍ବରକ ଦେବା ଆଗରୁ ।
- ଗୋରୁ ଚରିବା ସ୍ଥାନରୁ ଗଛ ମୂଳରୁ ଅଳିଆ ପଡିଥିବା ସ୍ଥାନରୁ ମାଟି ସଂଗ୍ରହ କରିବା ନାହିଁ ।
- ଯଦି କୌଣସି ଜୈବିକ କିମ୍ବା ରାସାୟନିକ ଉର୍ବରକ ପ୍ରୟୋଗର ତିନିମାସ ପରେ ମୃତ୍ତିକା ପରୀକ୍ଷା କରାଯାଇ ପାରିବ । ମାଟି ସାମ୍ପଲ ସଂଗ୍ରହ ପାଇଁ କେତେକ ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି ।
- ଏସବୁ ହେଉଛି ରାଣ୍ଡମ ପଦ୍ଧତି, ଜିଗ ଜାଗ ପଦ୍ଧତି, ସବସାମ୍ପଲିଂ ପଦ୍ଧତି ।
- ନିର୍ଦ୍ଧାରିତ ସ୍ଥାନ ମାନଙ୍କରୁ ୧୫ ସେମି ଗଭୀରରେ ଆକାର ଗାତ ଖୋଳିବା ପରେ ତାର ଗୋଟିଏ ପଟରୁ ୨-୩ ସେମି ମୋଟା ମାଟି ଖଣ୍ଡ ସଂଗ୍ରହ କରାଯାଏ । (ଚିତ୍ର)



ମାଟିରୁ ସାମ୍ପଲ ନେବା ସମୟରେ ସତର୍କତା

- ସଂଗୃହୀତ ମୃତ୍ତିକା ଆମର କ୍ଷେତର ପ୍ରତିନିଧି ହେବା ଆବଶ୍ୟକ ।
- ଏଥିପାଇଁ ୧୫ ଟି ବିଭିନ୍ନ ସ୍ଥାନରୁ ମାଟି ଖୋଳାଯାଏ ।
- କେତେକ ନିୟମ ମାନି ଏଇ ସବୁ ୧୫ ଟ୍ୟ ସ୍ଥାନ ନିରୂପଣ କରାଯାଏ । ଏସବୁ ହେଉଛି ରାଣ୍ଡମ ପଦ୍ଧତି, ଜିଗ ଜାଗ ପଦ୍ଧତି, ସବସାମ୍ପଲିଂ ପଦ୍ଧତି ।



ରାଣ୍ଡମ ପଦ୍ଧତି ଜିଗ ଜାଗ ପଦ୍ଧତି ସବସାମ୍ପଲିଂ ପଦ୍ଧତି

ସଂଗୃହୀତ ମାଟିରୁ ସାମ୍ପଲ କିପରି ବାହାର କରିବା



- ପନ୍ଦରଟି ଅଲଗା ଅଲଗା ସ୍ଥାନରୁ ମାଟି ନିଆଯାଏ।
- ୧୫ ସେମି ଗଭୀରରେ ଆକାର ଗାତ ଖୋଳିବା ପରେ ତାର ଗୋଟିଏ ପଟରୁ ୨-୩ ସେମି ମୋଟା ମାଟି ଖଣ୍ଡ ସଂଗ୍ରହ କରାଯାଏ।
- ଏଇପରି ୧୫ ଟି ଅଲଗା ସ୍ଥାନରୁ ମାଟି ସଂଗ୍ରହ କରାଯାଏ।
- ମାଟିରେ କିଛି ଗୋଡି ଖପରା ଆଦି ମଇଳା ଥିଲେ ବାଛି ଦିଆଯାଏ।
- ୧୫ ଟି ଯାକ ସ୍ଥାନର ମାଟି ସବୁକୁ ଭଲ ଭାବରେ ମିଶାଇ ଗୁଣ୍ଡ କରି ସାଇତି ରଖାଯାଏ।
- ସମୁଦାୟ ସଂଗୃହିତ ମାଟିକୁ ଏକ ବିଶେଷ ପ୍ରକ୍ରିୟାରେ ଭାଗ କରି ମାତ୍ର ୦.୫ କିଲୋ ମାଟି ପରୀକ୍ଷାଗାର କୁ ପଠାଯାଏ।
- ଚାରି ଭାଗ କରି ବିପରୀତ ଦିଗର ଦୁଇଟି ଭାଗ ମିଶାଇ ରଖାଯାଏ। ବଳକା ମାଟି ଛାଡି ଦିଆଯାଏ।
- ରଖିଥିବା ମାଟିକୁ ପୁଣି ଚାରି ଭାଗ କରି ବିପରୀତ ଦିଗର ଦୁଇଟି ଭାଗକୁ ମିଶାଇ ରଖାଯାଏ। ବଳକା ମାଟି ଛାଡି ଦିଆଯାଏ।
ସୋପାନ- ୭ ଅନୁଶୀଳନ ପାଇଁ ଉଦ୍ଦିଷ୍ଟ ସମୟ ମଧ୍ୟରେ କୌଣସି ଦଳ କାର୍ଡଟିକୁ ସମ୍ପୂର୍ଣ୍ଣ କରିବାରେ ଅସମର୍ଥ ହୁଏ ତାହେଲେ ସେମାନେ ଚାହିଁଲେ ସଂପଳ ଦଳର ସହଯୋଗ ନେଇ ପାରିବେ ।

ସୋପାନ- ୮ ଅନୁଶୀଳନ ସରିବା ପରେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କର କାର୍ଯ୍ୟକଳାପକୁ ନିରିକ୍ଷଣ କରୁଥିବା ସଦସ୍ୟଙ୍କୁ ନିଜର ଅନୁଭବ ବ୍ୟକ୍ତ କରିବାକୁ କୁହନ୍ତୁ । ଅଂଶଗ୍ରହଣକାରୀମାନେ ନିଜର ଅନୁଭବ ପ୍ରକାଶ କରନ୍ତୁ ।

ସୋପାନ- ୯ ଅନୁଶୀଳନଟିରେ ରହିଥିବା ମୁଖ୍ୟ ଶିକ୍ଷଣ ବିନ୍ଦୁ ଉପରେ ଆଲୋଚନା କରନ୍ତୁ ।

ମୁଖ୍ୟ ଶିକ୍ଷଣୀୟ ବିଷୟ -

୧. ଦଳର ଲକ୍ଷ୍ୟ ଉଦ୍ଦେଶ୍ୟକୁ ନିଜେ ବୁଝିବା ସହିତ ଅନ୍ୟମାନଙ୍କୁ ବୁଝାଇବେ ।

୨. ଲକ୍ଷ୍ୟହାସଲ ପାଇଁ ଯୋଜନା ପ୍ରସ୍ତୁତି କରିବା ।

୩. ଯୋଜନା ଅନୁସାରେ ଦକ୍ଷତାକୁ ଚାହିଁ ଦାୟିତ୍ୱ ବଣ୍ଟନ କରିବା ।

୪. ପରସ୍ପର ପରସ୍ପରକୁ ସହଯୋଗ କରିବା ।

୫. ଦଳଗତ ମନୋଭାବ ପୋଷଣ କରିବା ।

ଉଦ୍ୟୋଗୀ ସଂପର୍କିତ ଆଲୋଚନା:-

- ଜଣେ ଉଦ୍ୟୋଗୀ ହିସାବରେ ନିଜର ଲକ୍ଷ୍ୟ ଉଦ୍ଦେଶ୍ୟକୁ ନିଶ୍ଚିତ କରିବା ସହିତ ଦଳରେ କାର୍ଯ୍ୟ କରୁଥିବା ସଦସ୍ୟମାନଙ୍କ
- ପାଖରେ ଲକ୍ଷ୍ୟ ଉଦ୍ଦ୍ୟୋ ବୁଝିଥିବେ ।
- ଉଦ୍ୟୋଗ ସହିତ ସାମିଲ ଥିବା ସମସ୍ତ ସଦସ୍ୟ ମିଶି କରି ଯୋଜନା ପ୍ରସ୍ତୁତି କରିବେ ।
- ପାରସ୍ପରିକ ସହଯୋଗ ଓ ବୁଝାମଣାକୁ ସୁନିଶ୍ଚିତ କରିବେ ।
- ଉଦ୍ଦ୍ୟୋଗର ସଫଳତା ନିମନ୍ତେ ସାମିଲ ଥିବା ସମସ୍ତ ସଦସ୍ୟଙ୍କର ଦକ୍ଷତାକୁ ଚାହିଁ ଦାୟିତ୍ୱ ବଣ୍ଟନ କରିବେ ।
- ଉଦ୍ଦ୍ୟୋଗର ଅଭିବୃଦ୍ଧି ଦଳଗତ ମନୋଭାବ ପୋଷଣ କରିବା ।

ପ୍ରଶିକ୍ଷକଙ୍କ ପାଇଁ ସୂଚନା-

- ଅନୁଶୀଳନ କରିବା ପୂର୍ବରୁ ଉପକରଣ ଗୁଡ଼ିକର ସଠିକ ଯାଞ୍ଚ କରିବେ ।
- ଅନୁଶୀଳନ ସମୟରେ ନିୟମ କାର୍ଯ୍ୟ କାରୀ ନିମନ୍ତେ ଧ୍ୟାନ ଦେଲେ ।
- ଅନୁଶୀଳନ ସମୟରେ video ପ୍ରସ୍ତୁତ କରି ସମ୍ପୂର୍ଣ୍ଣ ପ୍ରକ୍ରିୟାର ବିଶ୍ଳେଷଣ କରିବେ ।

ବିଷୟ- ସଂସ୍ଥାମାନଙ୍କ ସହ ଯୋଗସୂତ୍ର ସ୍ଥାପନର ଗୁରୁତ୍ୱ

ଉଦ୍ଦେଶ୍ୟ-

- ନିର୍ଦ୍ଦିଷ୍ଟ ଉଦ୍ୟୋଗ ବିକାଶ ନିମନ୍ତେ ମିଳୁଥିବା ସୁବିଧା ସୁଯୋଗ ଜଡ଼ିତ ଥିବା ସଂସ୍ଥା ଗୁଡ଼ିକୁ ଚିହ୍ନି ନ କରିବା ସହିତ ଯୋଗସୂତ୍ର ସ୍ଥାପନ
- ସମ୍ପୂର୍ଣ୍ଣ ସ୍ଥାପନର ଶୈଳୀ ଓ କୌଶଳ ସମ୍ବନ୍ଧରେ ଧାରଣା ପାଇବେ ।
- ସମନ୍ୱୟ ଓ ଯୋଗାଯୋଗର ଗୁରୁତ୍ୱକୁ ଉପଲବ୍ଧି କରିବେ ।

ପଦ୍ଧତି- ଯୋଗମୁତ୍ର ସ୍ଥାପନର ଗଠିତ ଅନୁଶୀଳନ

(Networking Exercise)

ଉପକରଣ-

- ଗୋଲାକାର ଭାବେ କଣ୍ଟାବାଡ଼ା ଯାଇଥିବା ଗୋଲକାର କାଠପଟା
- ଏକ ବଣ୍ଡଲ ସୂତା
- ଡ୍ରଇଁ କାଗଜ, ସ୍କେଚ, ସପ୍ଟିନ୍

ପ୍ରକ୍ରିୟା

ସୋପାନ-୧ ପ୍ରଥମେ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଉଦ୍ୟୋଗ ନିମନ୍ତେ ସେହି ଅଞ୍ଚଳରେ କାର୍ଯ୍ୟ କରୁଥିବା ବ୍ୟକ୍ତି, ସଂସ୍ଥା ଓ ସମ୍ପର୍କିତ ସରକାରୀ ବିଭାଗକୁ ଚିହ୍ନନ କରନ୍ତୁ, ଏବଂ ତାର ତାଲିକା ପ୍ରସ୍ତୁତ କରନ୍ତୁ ।

ସୋପାନ-୨ ୧ ଫୁଟରେ ୬''ର ଡ୍ରଇଁ କାଗଜ ପ୍ରସ୍ତୁତ କରି ସେଥିରେ ସଂସ୍ଥା, ବ୍ୟକ୍ତି ଓ ବିଭାଗଗୁଡ଼ିକ ନାମ ଲେଖନ୍ତୁ ।

ସୋପାନ-୩ ଅଂଶଗ୍ରହଣକାରୀଙ୍କୁ ଏହି ପ୍ରକ୍ରିୟାରେ ଭାଗନେବା ପାଇଁ ଡାକନ୍ତୁ । ପ୍ରତ୍ୟେକଙ୍କୁ ଏକ ନିର୍ଦ୍ଦିଷ୍ଟ ସୂଚିତ କାର୍ଡ ଦିଅନ୍ତୁ । ଉକ୍ତ କାର୍ଡକୁ ଛାତିରେ ସଷ୍ଟପିନ୍ ଦ୍ୱାରା ଲଗାନ୍ତୁ ।

ସୋପାନ-୪ ସମସ୍ତ କାର୍ଡ ବଣ୍ଟନ ପରେ ସେମାନଙ୍କୁ ଏକ ବଡ଼ ଗୋଲାକାର ଭାବରେ ବସିବା ପାଇଁ କୁହନ୍ତୁ । ସେମାନଙ୍କ ମଧ୍ୟ ଭାଗରେ କଣ୍ଢାବାଡା ଯାଇଥିବା କାଟପଟାଟିକୁ ରଖନ୍ତୁ । ଓ ନିର୍ଦ୍ଦିଷ୍ଟ ଉଦ୍ୟୋଗ କାର୍ଡକୁ ପଟାରେ ଲଗାନ୍ତୁ ।

ସୋପାନ-୫ ସୂଚିତ ହୋଇଥିବା କାର୍ଯ୍ୟର କାର୍ଯ୍ୟ ବିଷୟରେ ୨ ମିନିଟ୍ ଭାବନ୍ତୁ ।

ସୋପାନ-୬ ଅନୁଶୀଳନରେ ଭାଗ ନେଉଥିବା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ନିଜର ଗୋଟିଏ ଆଙ୍ଗୁଳିକୁ ଆଗକୁ ସିଧା ଭାବେ ରଖିବାକୁ କୁହନ୍ତୁ ।

ସୋପାନ-୭ ସୂତାର ଗୋଟିଏ ମୁଣ୍ଡକୁ ପ୍ରଥମେ କାଠପଟାରେ ଥର୍ । କଣ୍ଢାରେ ବାନ୍ଧନ୍ତୁ । ଏବଂ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଜଣକୁ ସୂଚାଟିକୁ ସୂଚିତ କାର୍ଡ ଥିବା ସଦସ୍ୟଙ୍କ ଆଙ୍ଗୁଳିରେ ବାନ୍ଧିବାରେ ସହାୟତା କରିବେ ।

ସୋପାନ-୮ ଉପରୋକ୍ତ ପ୍ରଣାଳୀରେ ପ୍ରତ୍ୟେକ ସଦସ୍ୟଙ୍କ ସହିତ ସୂତାଦ୍ୱାରା କଣ୍ଢାସହିତ ସଂଯୋଜିତ କରାନ୍ତୁ ।

ସୋପାନ-୯ ପ୍ରତ୍ୟେକ ସୂଚିତ ସଦସ୍ୟ ସୂତା ସଂଯୋଗ ହେବା ବେଳେ ସେ ବ୍ୟକ୍ତି, ସଂସ୍ଥା ଓ ବିଭାଗ ଦ୍ୱାରା ନିର୍ଦ୍ଦିଷ୍ଟ ଉଦ୍ୟୋଗ ନିମନ୍ତେ ଉଦ୍ଦିଷ୍ଟ ଥିବା କାର୍ଯ୍ୟ ଓ ଦାୟିତ୍ୱ ବିଷୟରେ ସଂକ୍ଷିପ୍ତରେ କୁହନ୍ତୁ ।

ସୋପାନ-୧୦ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସୂତା ବନ୍ଧାଥିବା ହାତକୁ ଧୀରେ ଧୀରେ ପଛକୁ ଟାଣିବାକୁ କୁହନ୍ତୁ ଏବଂ ଅନୁଧ୍ୟାନ କରନ୍ତୁ ମଧ୍ୟ ଭାଗରେ ଥିବା ପଟାଟି କି ରି ଉପରକୁ ଉଠୁଛି ।

ଶିକ୍ଷଣୀୟ ବିଷୟ-

- ଉଦ୍ୟୋଗୀଙ୍କ ବିକାଶ ନିମନ୍ତେ ନିଜ ଅଞ୍ଚଳରେ ଥିବା ସଂସ୍ଥା ବ୍ୟକ୍ତି ଓ ବଭି ାଗର ଥିବା ସୁବିଧା ସୁଯୋଗକୁ ଉପଯୋଗ କରିବେ ।
- ଉଦ୍ୟୋଗ ନିମନ୍ତେ ଯୋଗାଯୋଗ ଓ ସମନ୍ୱୟର ଆବଶ୍ୟକତା ଉପଲବ୍ଧ କରିବେ ।
- ବିଭିନ୍ନ ବିଭାଗ, ଯୋଜନା ସମ୍ବନ୍ଧରେ ଅବଗତ ହେବେ ।

ସହାୟକଙ୍କ ପାଇଁ ସୂଚନା-

- ସହାୟକ/ସହାୟିକା ଅନୁଶୀଳନ ଉପସ୍ଥାପନା କରିବା ପୂର୍ବରୁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାର କାର୍ଯ୍ୟ ଯୋଜନା ବିଷୟରେ ଅବଗତ ହୋଇଥିବେ ।
- କାର୍ଯ୍ୟକାରୀ ସଂସ୍ଥାରେ ନିଯୁକ୍ତ ବ୍ୟକ୍ତି ବିଶେଷଙ୍କ ପଦବୀ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଅବଗତ ହୋଇଥିବେ ।
- ଅନୁଶୀଳନ ସମୟରେ ବିଭିନ୍ନ ଭୂମିକା ତୁଲାଉଥିବା ବ୍ୟକ୍ତି ତାର କର୍ମ ବିଷୟରେ କହିବା ପରେ ସେ ବିଭାଗ ବିଷୟରେ ଦଳକୁ ସର୍ବଶେଷ ବିବରଣୀ/ତଥ୍ୟ ପ୍ରଦାନ କରିବେ ।
- ଅନୁଶୀଳନରେ ବ୍ୟବହୃତ କାଟପଟାକୁ ଉଦ୍ୟୋଗ ଦର୍ଶାଇଲାବେଳେ ଓ ସୂତାର ସମ୍ପର୍କ ସମ୍ବନ୍ଧରେ ଦଳକୁ ବୁଝାଇ ଯାଇ ସହାୟକ ସୂତାକୁ ଦଳ ମଧ୍ୟରେ ସମ୍ପର୍କ, ସମସ୍ୟା ସମସ୍ୟାର ସମାଧାନ ଆଦାନ ପ୍ରଦାନର ରାସ୍ତା ବୋଲି ବୁଝାଇବେ ।

ଛତୁ ବିହନ ଉତ୍ପାଦନ

(Mushroom spawn production)

ନିରଞ୍ଜନ ଚିନାରା, ବୈଜ୍ଞାନିକ
ସର୍ବଭାରତୀୟ ସମନ୍ୱିତ ଛତୁ ଗବେଷଣା କେନ୍ଦ୍ର
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ବିହନ ବା ମଞ୍ଜି ହେଉଛି କୃଷି ଉତ୍ପାଦନର ପ୍ରଥମ ଏବଂ ପ୍ରଧାନ ଆବଶ୍ୟକୀୟ ଉପାଦାନ । ଅନ୍ୟ ଫସଲ ଅପେକ୍ଷା ଛତୁ ଉତ୍ପାଦନ ପାଇଁ ବିହନ ପ୍ରସ୍ତୁତି ଏବଂ ତା'ର ଯତ୍ନ ପାଇଁ ବିଶେଷ ବେଷ୍ଟି ୟିକ ଜ୍ଞାନକୌଶଳ ତଥା ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ । କିନ୍ତୁ ନିଜର ଇଚ୍ଛାଶକ୍ତି, ଦକ୍ଷତା ତଥା ବୈଷୟିକ ଜ୍ଞାନକୌଶଳ ବ୍ୟବହାର ଦ୍ୱାରା ଜଣେ ବ୍ୟକ୍ତି ନିଜର ଘରେ କମ୍ ଖର୍ଚ୍ଚରେ ଛତୁ ବିହନ ଉତ୍ପାଦନ କରି ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଇପାରିବ ।

ଛତୁ ବିହନ ପ୍ରସ୍ତୁତି ପାଇଁ ତିନି କୋଠରୀ ବିଶିଷ୍ଟ ଘର ଆବଶ୍ୟକ ହୋଇଥାଏ । ଗୋଟିଏ ବାୟୁରୁଦ୍ଧ କୋଠରୀ ଯାହା ୧୦ ଫୁଟ ଲମ୍ବା, ୬ ଫୁଟ ଚଉଡ଼ା ଏବଂ ୭ ଫୁଟ ଉଚ୍ଚତା ହୋଇଥିବା ଆବଶ୍ୟକ । ସେଥିରେ ଅତି ବାଇଗଣୀ ରଶ୍ମୀ ପ୍ରଦାନ କରୁଥିବା ବଲ ବ୍ୟବହାର କରାଯାଏ । କୋଠରୀରେ ଅଧଘଣ୍ଟା ପର୍ଯ୍ୟନ୍ତ ଏହି ଆଲୋକ ଜଳାଇଲେ କୋଠରୀଟି ଜୀବାଣୁ ମୁକ୍ତ ହୋଇଯାଏ । ଏହି କୋଠରୀ ମଧ୍ୟରେ ଛତୁର ଫିମ୍ପିକୁ ସ୍ଥାନାନ୍ତର ତଥା ବଂଶବୃଦ୍ଧି କରାଯାଇଥାଏ । ତେଣୁ ଏହି କୋଠରୀକୁ ପ୍ରଜନନ ପ୍ରକୋଷ୍ଠ (Inoculation chamber) କୁହାଯାଏ । ଏହାର ସଂଲଗ୍ନ ଦ୍ୱିତୀୟ କୋଠରୀ ଭିତରରେ ଲୁହା କିମ୍ବା କାଠରେ ନିର୍ମିତ ଥାକ ରଖାଯାଏ । ଏହି ଥାକରେ ବିହନ ବୋତଲ ରଖାଯାଏ, ଯାହା ମଧ୍ୟରେ ଛତୁ ଫିମ୍ପିର ଦୈହିକ ବୃଦ୍ଧି ହୋଇଥାଏ । ଏହି କୋଠରୀକୁ ବର୍ଦ୍ଧନ ପ୍ରକୋଷ୍ଠ (Inoculation chamber) କୁହାଯାଏ । ତୃତୀୟ କୋଠରୀରେ ଅଟୋ କ୍ଲେଭ, ରେଫ୍ରିଜରେଟର, ଗ୍ୟାସ୍ ଚୁଲା ଇତ୍ୟାଦି ରଖାଯାଏ । ଏହାକୁ ମେଡ଼ିଆ ଘର (Media room)) କୁହାଯାଏ ।

ଛତୁ ବିହନ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ସାମଗ୍ରୀ

ଅଟୋକେଭ୍ଲ୍, ଗ୍ୟାସ୍ ଚୁଲା ସହ ସିଲିଣ୍ଡର, ବଡ଼ ଡେକ୍‌ଚି, ପିଠାପାତିଆ, ଟେବୁଲ, ଷ୍ଟୁଲ୍, ଓଜନ ଯନ୍ତ୍ର, କାଚବୋତଲ, ସ୍ପିରିଟ ଲ୍ୟାମ୍ପ, ପାଣି ଶୋଷୁ ନଥିବା ତୁଳା, ଇନୋକୁଲେସନ ତାର, ଗହମ, ଚୁନ ଗୁଣ୍ଡ/କ୍ୟାଲ୍‌ସିୟମ୍ କାର୍ବୋନେଟ + କ୍ୟାଲ୍‌ସିୟମ୍ ସଲ୍ଫେଟ୍, ସ୍ପିରିଟ, ଫର୍ମାଲିନ୍ ।

ଛତୁ ବିହନ ପ୍ରସ୍ତୁତି

- ପ୍ରଥମେ ଭଲ ମାନର ଗୋଟା ଗହମକୁ ପାଛୁଡ଼ି ଧୂଳି, ପୋକଡ଼ା ଗହମ ଏବଂ ଅଦରକାରୀ ପଦାର୍ଥକୁ ବାହାର କରିଦିଆଯାଏ ।
- ଏହାପରେ ଗହମକୁ ୨-୩ ଘଣ୍ଟା ପାଣିରେ ବତୁରାଇ ଘ.୧-୧.୧୦ ମି. ପର୍ଯ୍ୟନ୍ତ ସିଝାଯାଇଥାଏ କିମ୍ବା ସିଧା ଘ.୨-୨.୩୦ ମି. ପର୍ଯ୍ୟନ୍ତ ସିଝାଯାଇଥାଏ । ଗହମକୁ ଏପରି ସିଝାଯିବ, ଯେପରିକି ଗହମ ସିଝି ଫାଟି ନଯିବ କିମ୍ବା ଦରସିଝା ହୋଇ ନଯିବ ।।

- ଏହାପରେ ସିଝା ଗହମକୁ ଛାଇରେ ପଙ୍ଖା ତଳେ ପତଳା ଆକାରରେ ଶୁଖାଇ ଦିଆଯାଏ । ଗହମର ଉପରି ଭାଗ ଶୁଖିଗଲା ପରେ ସେଥିରେ ୨-୩ ପ୍ରତିଶତ ଅର୍ଥାତ୍ ଏକ କେଜି ଶୁଖିଲା ଗହମ ପ୍ରତି ୨୦ ଗ୍ରାମ ଚୁନଗୁଣ୍ଡ / ଚକ ପାଉଡ଼ର ମିଶାଯାଇଥାଏ । ଏହା ଫଳରେ ଗହମ ଗୁଡ଼ିକ କ୍ଷାରୀୟ ହୋଇଯିବ ଏବଂ ଗହମରେ ଥିବା ଜଳୀୟ ଅଂଶକୁ ଶୋଷିନେବ । ଗହମରୁ ଚୂନ ଦ୍ୱାରା ଜଳୀୟ ଅଂଶ ଶୋଷି ନେବା ପରେ ଗହମ ଗୁଡ଼ିକ କାଦୁଅ ନ ହୋଇ ଗୋଟି ଗୋଟି ହୋଇ ରହିବ ।
- ଏହାପରେ ଚୁନମିଶା ସିଝା ଗହମକୁ ବୋତଲ ମଧ୍ୟରେ ଭର୍ତ୍ତି କରାଯାଏ । ସାଧାରଣତଃ ବୋତଲରେ ଦୁଇ ତୃତୀୟାଂଶ (୨/୩ ଭାଗ) ପର୍ଯ୍ୟନ୍ତ ଗହମ ରଖାଯାଏ । ବୋତଲରେ ଗହମ ଭର୍ତ୍ତି କରିସାରିଲା ପରେ ତା'ର ମୁହଁକୁ ପାଣି ଶୋଷୁ ନଥିବା ତୁଳା ଦ୍ୱାରା ବନ୍ଦ କରି ଦିଆଯାଏ ।
- ଏହାପରେ ଗହମ ଭର୍ତ୍ତି ବୋତଲ ଗୁଡ଼ିକୁ ଅଟୋକ୍ଲେଭ୍‌ରେ ରଖି ଦିଆଯାଏ । ସ୍ଥଳ ବିଶେଷରେ କାଚ ବୋତଲ ବଦଳରେ ପଲିପ୍ରୋପ୍ଲିନ୍ ଥଳି ବ୍ୟବହାର କରାଯାଇପାରେ, ଯାହାକି ବୋତଲର ଦାମ୍ ଠାରୁ କମ୍ ହୋଇଥାଏ । ଅଟୋକ୍ଲେଭ୍‌ରେର ବୋତଲଗୁଡ଼ିକ ରଖି ସାରିଲା ପରେ, ଏହାର ଉପର ଘୋଡ଼ଣୀକୁ ଭଲଭାବେ କଷି କରି ବନ୍ଦ କରିଦିଆଯାଏ ।
- ଏହି ଅବସ୍ଥାରେ ଅଟୋକ୍ଲେଭ୍‌କୁ ବିଦ୍ୟୁତ୍ ସଂଯୋଗ କରାଯାଏ । ଅଟୋକ୍ଲେଭ୍‌ରେ ୧୬ ସେଣ୍ଟିଗ୍ରେଡ୍ ଓ ୨୨ ପାଉଣ୍ଡ ପ୍ରେସର ପର୍ଯ୍ୟନ୍ତ ରଖାଯାଏ । ସେହି ୨୨ ପାଉଣ୍ଡରେ ଆହୁରି ଏକ ଘଣ୍ଟା ପର୍ଯ୍ୟନ୍ତ ଉପଚାର କରାଯାଏ । ଅଟୋକ୍ଲେଭ୍‌ର ପ୍ରେସର ଗହ୍ୱର କଣ୍ଟା '୨୨'କୁ ଆଣି ୨ ଘଣ୍ଟା ପର୍ଯ୍ୟନ୍ତ ଉପଚାର କରାଯାଏ । ଏହାପରେ ବିଦ୍ୟୁତ ସଂଯୋଗ ବନ୍ଦ କରିଦିଆଯାଏ । ଅଟୋକ୍ଲେଭ୍ ପ୍ରେସର ଗଜର କ । '୦' କୁ ଆସିଲେ, ଏହାର ଘୋଡ଼ଣୀକୁ ଖୋଲିଦିଆଯାଏ । ବୋତଲଗୁଡ଼ିକ ସମ୍ପୂର୍ଣ୍ଣ ଥଣ୍ଡା ହୋଇଗଲା ପରେ ଅଟୋକ୍ଲେଭ୍‌ରୁ ବାହାର କରି ତାକୁ ହଲାଇ ଦିଆଯାଏ, ଯେପରିକି ଗହମ ଗୁଡ଼ିକ ପରସ୍ପର ଲାଗି କରି ନ ରହି ଛାଡ଼ି ଛାଡ଼ି ରହିବେ । ସେହି ଉପଚାରିତ ବୋତଲ ଗୁଡ଼ିକ ପ୍ରଜନନ ପ୍ରକୋଷ୍ଠକୁ ସ୍ଥାନାନ୍ତର କରାଯାଏ । କିନ୍ତୁ ଏହାର ୧୨ ଘଣ୍ଟା ପୂର୍ବରୁ ୧୦-୧୫ ମିଲି ଫରମାଲିନ୍ ଦ୍ୱାରା ପ୍ରଜନନ ପ୍ରକୋଷ୍ଠକୁ ପକାଇ ବିଶୋଧନ କରାଯାଇଥାଏ । ବୋତଲଗୁଡ଼ିକ ପ୍ରଜନନ ପ୍ରକୋଷ୍ଠ ଭିତରେ ରଖିସାରିବା ପରେ ୩୦ ମିନିଟ୍ ପାଇଁ ଅତି ବାଇଗଣୀ ଆଲୋକ ଜଳାଇ ଦିଆଯାଏ ।

ଓଙ୍ଗିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର (ଓୟୁଏଟି) ଅଧିନରେ ଥିବା ଛତୁ ଗବେଷଣା କେନ୍ଦ୍ର କିମ୍ବା ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ରରୁ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ କରାଯାଇଥିବା ଛତୁର ମା' ବିହନ ବା ମଞ୍ଜି (Mother spawn) କିଣି ଆଣିବାକୁ ପଡ଼ିଥାଏ । ସେହି ମା' ବିହନକୁ ନେଇ ସେଥିରୁ ଛତୁ ବିହନ ବା ମଞ୍ଜି (Commercial Spawn) ପ୍ରସ୍ତୁତ କରାଯାଏ ।

ଏଥିପାଇଁ ପ୍ରଜନନ କୋଠରୀରେ ଥିବା ଟେବୁଲ, ଇନୋକୁଲେସନ୍ ତାର ତଥା ନିଜର ହାତକୁ ସ୍ପିରିଟ ଭିଜା ତୁଳାରେ ଭଲଭାବେ ପୋଛି ବିଶୋଧନ କରିବା ଉଚିତ୍ । ଇନୋକୁଲେସନ୍ ବା ଫିମ୍ପିର ସ୍ଥାନାନ୍ତରଣ ପାଇଁ ଦୁଇଜଣ ବ୍ୟକ୍ତି ଆବଶ୍ୟକ । ପ୍ରଜନନ ପ୍ରକୋଷ୍ଠକୁ ପ୍ରବେଶ କରିବା ସମୟରେ ହାତରେ ମା' ମଞ୍ଜିକୁ ନେଇ କରି ଯିବାକୁ ପଡ଼େ । କାର୍ଯ୍ୟ କରିବା ପୂର୍ବରୁ ଇନୋକୁଲେସନ୍ ତାରକୁ ସ୍ପିରିଟ୍ ଲ୍ୟାମ୍ପର ନିଆଁରେ ଭଲଭାବେ ଗରମ କରିଦିଆଯାଏ । ଇନୋକୁଲେସନ ତାର ଥଣ୍ଡା ହେଲାପରେ ଜଣେ ବ୍ୟକ୍ତି ମା' ମଞ୍ଜି ବୋତଲର ତୁଳା ପିଠିକୁ ସ୍ପିରିଟ୍ ଲ୍ୟାମ୍ପର ନିଆଁ ଶିଖା ଉପରେ ଖୋଲି, ଇନୋକୁଲେସନ ତାର ସାହାଯ୍ୟରେ ଫିମ୍ପି ମିଶା କିଛି ଗହମ (୫ ଗ୍ରାମ), ଅନ୍ୟ ଉପଚାରିତ ଗହମ ବୋତଲକୁ ସ୍ଥାନାନ୍ତର କରନ୍ତି । ଅନ୍ୟ ପକ୍ଷରେ ଦ୍ୱିତୀୟ ବ୍ୟକ୍ତି ଜଣଙ୍କ ପୂର୍ବରୁ ଥିବା ଉପଚାରିତ ଗହମ ବୋତଲର ତୁଳା ପିଠିକୁ ନିଆଁ ଶିଖା ଉପରେ ଖୋଲି ଦିଅନ୍ତି ।

ଯାହାଫଳରେ କି କେବଳ ନିଆଁ ଶିଖା ଉପରେ ମା' ମଞ୍ଜିର କିଛି ଗହମ, ଉପଚାରିତ ଗହମ ବୋତଲ ମଧ୍ୟକୁ ସ୍ଥାନାନ୍ତର କରାଯାଏ । ଏହି ପ୍ରକ୍ରିୟାକୁ ଇନୋକୁଲେସନ୍ କୁହାଯାଏ । ଏହି ପ୍ରକ୍ରିୟା ସମୟରେ ମା' ମଞ୍ଜି ବୋତଲର କେବଳ ମୁହଁ ଭାଗଟି ନିଆଁର ଶିଖା ଉପରେ କିମ୍ବା ଅତି ନିକଟରେ ରହିବା ଆବଶ୍ୟକ, ନଚେତ୍ ବାହାରର ରୋଗଜୀବାଣୁ ଅଥବା ଧୂଳିକଣା ମା'ମଞ୍ଜି ବୋତଲ ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନା ଥାଏ, ତେଣୁ ଏଥିପାଇଁ କୁଶଳୀ ବ୍ୟକ୍ତି ନିହାତି ଆବଶ୍ୟକ । ଇନୋକୁଲେସନ୍ ପରେ ସାଙ୍ଗେ ସାଙ୍ଗେ ଗହମ ବୋତଲର ମୁହଁକୁ ପୁନର୍ବାର ସେହି ତୁଳା ଠିପି ଦ୍ୱାରା ବନ୍ଦ କରିଦିଆଯାଏ । ଏହପରି ଭାବେ ଗୋଟିଏ ମା'ମଞ୍ଜିରୁ ପାଖାପାଖି ୫୦-୬୦ଟି ଉପଚାରିତ ଗହମ ବୋତଲ ମଧ୍ୟକୁ ଇନୋକୁଲେସନ୍ କରାଯାଏ ।

ଏହାପରେ ବୋତଲ ଉପରେ ଛତୁର ପ୍ରଜାତି, ଜାତି ତଥା ତାରିଖ ଲେଖିକରି, ବର୍ଦ୍ଧନ ପ୍ରକୋଷ୍ଠର ଥାକରେ ରଖି ଦିଆଯାଏ । ପାଳଛତୁର ଫିମ୍ପି ୮-୧୦ ଦିନ ଧିଙ୍ଗିରି ଛତ୍ତୁର ଫିମ୍ପି ୧୦-୧୫ ଦିନ ମଧ୍ୟରେ ସମଗ୍ର ବୋତଲରେ ମାଡ଼ିଯାଏ । ସମ୍ପୂର୍ଣ୍ଣ ରୂପେ ମାଡ଼ିଥିବା ବୋତଲକୁ ଛତୁ ଚାଷରେ ବ୍ୟବହାର କରାଯାଇଥାଏ ।

ଅଧିକ ଛତୁ ଅମଳ ପାଇଁ ଉତ୍କୃଷ୍ଟ ଧରଣର ବିହନ ବ୍ୟବହାର କରିବା ଉଚିତ୍ । ଯାହାର ନିମ୍ନଗୁଣ ଗୁଡ଼ିକ ଥିବା ଆବଶ୍ୟକ ।

- ବୋତଲ ମଧ୍ୟରେ ଫିମ୍ପି ସମ୍ପୂର୍ଣ୍ଣ ରୂପେ ମାଡ଼ିଥିବା ଆବଶ୍ୟକ ।
- ସେଥିରେ ଅନ୍ୟ ଫିମ୍ପି ସଂକ୍ରମିତ ହୋଇ ନଥିବା ଆବଶ୍ୟକ । ଯେପରିକି ସେଥିରେ ସବୁଜ, କଳା, ଲାଲ, ହଳଦିଆ ରଙ୍ଗର ଫିମ୍ପି ମାଡ଼ି ନ ଥବ୍ । ଆବଶ୍ୟକ ।
- ଛତୁ ବିହନର ବୟସ ଚାଷ ଉପଯୋଗୀ ହୋଇଥିବା ଆବଶ୍ୟକ । ଅଧିକ ପୁରୁଣା ବିହନରୁ କମ୍ ପରିମାଣର ଛତୁ ଫୁଟିଥାଏ ।

ବି.ଦ୍ର.: ସଫଳ ଭାବେ ଛତୁ ବିହନ ପ୍ରସ୍ତୁତି ନିଜର ଦକ୍ଷତା (Skill), ବୈଷୟିକ ଜ୍ଞାନ (Technical knowledge) ଏବଂ ପରିଷ୍କାର ପରିଚ୍ଛନ୍ନ (Sanitation) ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ ।

ଛତୁଚାଷ

ଶାମୁକା ଛତୁ ବା ଧିଙ୍ଗିରୀ ଛତୁ ଏକ ଶୀତଦିନିଆ ଛତୁ । ଏହା ସାଧାରଣତଃ ବର୍ଷାଦିନେ ବଣଜଙ୍ଗଲର ବିଭିନ୍ନ ପ୍ରକାର କାଠଗଣ୍ଡିରେ ଫୁଟିଥାଏ । ଏହି ଛତୁ ୨୦-୩୦ ସେଣ୍ଟିଗ୍ରେଡ ତାପମାତ୍ରାରେ ଚାଷ କରାଯାଇଥାଏ । ଧାନନଡା ବ୍ୟତିତ ବିଭିନ୍ନ କୃଷିଜାତ ଅଦରକାରୀ ପଦାର୍ଥ ଯଥା କଦଳୀ ବାହୁଙ୍ଗା, ଆଖୁ ଛେଦା, ନଡିଆକତା, ସୋରିଷ, ରାଶୀ, ଅଳସୀ କାଣ୍ଡ, ଖବରକାଗଜ, ବାଦାମ ଚୋପା ଇତ୍ୟାଦି ମାଧ୍ୟମରେ ଶାମୁକା ଛତୁ ଉତ୍ପାଦନ କରାଯାଇଥାଏ । ଏହିଛତୁରେ ଅନ୍ୟ ଛତୁ ଅପେକ୍ଷା ଅଧିକ ପରିମାଣର ତନ୍ତୁ, ଲୌହ (୧୮୩.୦୭ ମି.ଗ୍ରା. କିଲୋଗ୍ରାମ ଶୁଖିଲା ଛତୁ) ଏବଂ ଜିଙ୍କ୍ (୧୬୨.୧୮ ମି.ଗ୍ରା ./ କିଲୋଗ୍ରାମ ଶୁଖିଲା ଛତୁ) ରହିଥାଏ । ଶାମୁକା ଛତୁର ଜୈବ ଦକ୍ଷତା ୧୦୦% ହୋଇଥାଏ ଅର୍ଥାତ ପ୍ରତି ୧୦୦ କିଲୋଗ୍ରାମ ଶୁଖିଲା ନଡାରୁ ପ୍ରାୟ ୧୦୦ କିଲୋଗ୍ରାମ ଛତୁ ଉତ୍ପାଦନ ହୋଇଥାଏ । ଏହାର ଚାଷ ପ୍ରଣାଳୀ ଅତି ସହଜ ଏବଂ ଉଭୟ ପୁରୁଷ ଏବଂ ମହିଳା ନିଜର ଦୈନିକ କାର୍ଯ୍ୟ ସମ୍ପାଦନ ପରେ ନିଜ ଘରେ ଚାଷ କରି ଅଧିକ ଦୁଇପଇସା ରୋଜଗାର କରିପାରିବେ । ଶାମୁକା ଛତୁର ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଚାଷଉପଯୋଗୀ ପ୍ରଜାତି ଅଛି । ଏହି ପ୍ରଜାତି ମଧ୍ୟରେ ସକର କାଜୁ, ଫ୍ଲୋରିଡା, ଅଷ୍ଟ୍ରିୟାଟସ, ଇଅସ୍, ହି ସିଜାଇଗସ ଅଲମାରିଅସ୍ ବହୁଳ ଭାବରେ ଛତୁ ଚାଷୀଙ୍କ ମଧ୍ୟରେ ଆଦୃତ ।

ଆବଶ୍ୟକୀୟ ପାଣିପାଗ:

ଯଦିଓ ଶାମୁକା ଛତୁ ୨୦-୩୦ ସେଣ୍ଟିଗ୍ରେଡର ତାପମାତ୍ରା ଦରକାର କରିଥାଏ କିନ୍ତୁ ପ୍ରଜାତି ଅନୁଯାୟୀ ଅନୁକୂଳ ତାପମାତ୍ରା ଭିନ୍ନ ଭିନ୍ନ ହୋଇଥାଏ । ଆମ ରାଜ୍ୟ ଓଡ଼ିଶାରେ ନଭେମ୍ବର ମାସ ଠାରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଚାଷ କରାଯାଇଥାଏ । ଛତୁ ଚାଷ ସମୟରେ ବାୟୁମଣ୍ଡଳର ଆର୍ଦ୍ରତା ପ୍ରାୟ ୮୫ ପ୍ରତିଶତ ରହିବା ଆବଶ୍ୟକ । ଏହି ଛତୁ ପାଇଁ ଯଦିଓ କମ୍ ଆଲୋକ (୨୦୦ ଲକ୍ସ) ଦରକାର କିନ୍ତୁ ଦୈନିକ ୮-୧୨ ଘଣ୍ଟା ରହିବା ଦରକାର ।

ଆବଶ୍ୟକୀୟ ଉପାଦାନ:

ଏକ ଶାମୁକା ଛତୁ ବ୍ୟାଗ ପାଇଁ ୨ କିଲୋଗ୍ରାମ ଶୁଖିଲା ଧାନନଡା ଆବଶ୍ୟକ ହୋଇଥାଏ । ଏହା ସହିତ ୨୦୦ ଗ୍ରାମର ଛତୁ ବିହନ, ୮୦ ସେ.ମି x ୪୦ ସେ.ମି ଆକୃତିର ପଲିଥିନ ବ୍ୟାଗ ଏବଂ ରବର ବ୍ୟାଣ୍ଡ ଆବଶ୍ୟକ ।

ଚାଷ ପ୍ରଣାଳୀ :

ସମ୍ପୂର୍ଣ୍ଣ ଶୁଖିଥିବା ଧାନନଡାର ଅଗଭାଗରୁ ପତ୍ର ଅଂଶକୁ କାଟିଦିଆଯାଏ ଏବଂ ଦା' କିମ୍ବା ନଡାକଟା ଯନ୍ତ୍ର ସାହାଯ୍ୟରେ ୨-୩ ଇଞ୍ଚ ଆକାରରେ ଛୋଟ ଛୋଟ କାଟିଦିଆଯାଏ । କଟାଯାଇଥିବା ନଡାକୁ ଏକ ଜାଲିବସ୍ତାରେ ଭର୍ତ୍ତିକରି ୬-୮ ଘଣ୍ଟା ପରିଷ୍କାର ପାଣିରେ ବତୁରାଇ ଦିଆଯାଏ । ଏହାପରେ ବତୁରା ନଡାକୁ ଅଧଘଣ୍ଟାପର୍ଯ୍ୟନ୍ତ ଗରମ ପାଣି କିମ୍ବା ବାଷ୍ପ ଦ୍ୱାରା ବିଶୋଧନ କରାଯାଏ । ବିଶୋଧିତ ନଡାକୁ ଛାଇରେ ଶୁଖାଇ ଦିଆଯାଏ ଯେପରିକି ହାତ ପାପୁଲିରେ ଚିପିଲେ ସେଥିରୁ ପାଣି ବାହାରୁ ନଥିବ । ପଲିଥନ ବ୍ୟାଗର ଗୋଟିଏ ପଟକୁ ଏକ ରବର ବ୍ୟାଣ୍ଡ ଦ୍ୱାରା ବାନ୍ଧି ଦିଆଯାଏ ଏବଂ ଅନ୍ୟ ପଟରେ ନଡା ଭର୍ତ୍ତି କରାଯାଏ ।

ସମୁଦାୟ ନଡାର ଏକ ଚତୁର୍ଥାଂଶ ନଡାକୁ ପଲିଥିନ ବ୍ୟାଗ ଭିତରେ ଭର୍ତ୍ତିକରି ହାଲକା ଭାବେ ଦାବି ଦିଆଯାଏ । ଛତୁ ବିହନକୁ ବୋତଲ ଭିତରୁ ଏକ ସଫା ଲୁହାତାର ଦ୍ୱାରା ବାହାର କରି ଏକ ଚତୁର୍ଥାଂଶକୁ ନଡା ଉପରେ ଜରିକୁ ଲଗାଇ ବୁଣି ଦିଆଯାଏ । ସେହି ରି ଦ୍ୱିତୀୟ, ତୃତୀୟ ସ୍ତର ନଡା ଏବଂ ବିହନକୁ ଦେଇସାରିଲା ପରେ ଚତୁର୍ଥ ସ୍ତର ନଡା ଉପରେ ବିହନକୁ ବୁଣିଦେଇ ଅଳ୍ପ କିଛି ନଡା ପକାଇ ଉପରପଟୁ ରବର ବ୍ୟାଣ୍ଡ ଦ୍ୱାରା ବାନ୍ଧି ଦିଆଯାଏ । ସମ୍ପୂର୍ଣ୍ଣ ଭାବେ ବ୍ୟାଗ ପ୍ରସ୍ତୁତ ହୋଇଗଲା ପରେ ଏକ ଲୁହା କଣ୍ଟା ଦ୍ୱାରା ୨୦-୨୫ଟି ଛିଦ୍ର କରିଦିଆଯାଏ । ପ୍ରସ୍ତୁତ କରାଯାଇଥିବା ବ୍ୟାଗକୁ ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ଫିମ୍ପି ମାଡିବା ପାଇଁ ଅନ୍ଧାର ସ୍ଥାନରେ ରଖିଦିଆଯାଏ । ବ୍ୟାଗରେ ସଂପୂର୍ଣ୍ଣ ଭାବେ ଫିମ୍ପି ମାଡିଗଲା ପରେ ଅନ୍ଧାର ଘରଭିତରୁ ଆଣି ଜରିଭିତରୁ ଫିମ୍ପିଦ୍ୱାରା ଅଚ୍ଛାଦିତ ପିଣ୍ଡୁଳାକୁ ବାହାର କରି ଏକ ସୁତୁଲି କିମ୍ବା ପ୍ଲାଷ୍ଟିକ ସୂତା ଦ୍ୱାରା ପ୍ରସ୍ତୁତ ଶିକାରେ ବାନ୍ଧି ଆବଶ୍ୟକୀୟ ପାଣିପାଗ ଥିବା ଘରେ ଝୁଲାଇ ଦିଆଯାଏ । ଜରି ଖୋଲିବା ପରଠାରୁ ସେଥିରେ ପାଣି ସିଞ୍ଚନକରିବାକୁ ପଡେ, ଯେପରିକି ତାହା ସମ୍ପୂର୍ଣ୍ଣ ଶୁଖି ନଯାଏ । ଝୁଲାଇବାର କଛିଦିନ ପରେ ଛତୁର କଢ଼ ଆସିଥାଏ ଏବଂ ତାହା ଧିରେ ଧିରେ ବୃଦ୍ଧି ପାଇ ସପ୍ତାହ ମଧ୍ୟରେ ଅମଳଯୋଗ୍ୟ ହୋଇଥାଏ ।

ଏହିଭଳି ଭାବେ ୩-୪ ଥରରେ ଏକ ବ୍ୟାଗରୁ ୧.୫ ରୁ ୨ କିଲୋଗ୍ରାମ ପର୍ଯ୍ୟନ୍ତ ଅମଳ ହୋଇଥାଏ ।

ଆୟବ୍ୟୟ ଅଟକଳ :

ଏକ ବ୍ୟାଗ ପ୍ରସ୍ତୁତ କରିବା ପାଇଁ ନିମ୍ନମତେ ଖର୍ଚ୍ଚ ହୋଇଥାଏ ।

ନଡା- ୨ କିଲୋଗ୍ରାମ :	ଟ.୧୦.୦୦
ବିହନ- ୨୦୦ ଗ୍ରାମ୍ :	ଟ. ୧୨.୦୦
ପଲିଥିନ ୧ଟା :	ଟ.୩.୦୦
ଅନ୍ୟାନ୍ୟ ଖର୍ଚ୍ଚ :	ଟ.୧୫.୦୦
ମୋଟ ଖର୍ଚ୍ଚ :	ଟ. ୪୦.୦୦

ବ୍ୟାଗପ୍ରତି ହାରାହାରି ଅମଳ : ୨ କିଲୋଗ୍ରାମ

ବିକ୍ରୟ ମୂଲ୍ୟ ଟ.୧୦୦.୦୦ (ଟ.୫୦.୦୦ ପ୍ରତି କିଲୋଗ୍ରାମ୍)

ଲାଭ : ଟ. ୧୦୦. ୦ ୦ ଟ. ୪୦.୦୦ = ଟ.୬୦. ୦୦

ଏକ ହଜାର ବର୍ଗଫୁଟ ଥିବା ଛତୁ ଘର ଭିତରେ ଶାମୁକା ଛତୁ ଚାଷ କରି ଜଣେ ବ୍ୟକ୍ତି ପ୍ରାୟ ୫୦, ୦୦୦ ରୁ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବ ।

ଶାମୁକା ଛତୁ ଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ :

ଛତୁ ଚାଷ ପାଇଁ ସାଧାରଣତଃ ଶୁଖିଲା ଧାନ ନଡା ଆବଶ୍ୟକ ଯାହାକି ଅତି କମ୍ରେ ୩ ମାସ ପୁରୁଣା ହୋଇଥିବା ଆବଶ୍ୟକ । ଛତୁ ଘରର ଆର୍ଦ୍ରତା ଯେପରି ନ କମିବ ସେଥିପାଇଁ ଦୃଷ୍ଟି ଦେବାକୁ ପଡିବ ନଚେତ୍ ଛତୁ ଉତ୍ପାଦନ କମିଯାଇଥାଏ । ଛତୁ କଢ଼ ହେବାର ୩-୪ ଦିନ ମଧ୍ୟରେ ତୋଳିବା ଆବଶ୍ୟକ ନଚେତ୍ ଛତୁର ବଜାର ମୂଲ୍ୟ କମିଯାଇଥାଏ । ଛତୁ ଅମଳ ପରେ ବ୍ୟାଗରେ ଲାଗିଥିବା ମଲା ଛତୁ ବାହାର କରି ଏକ ଛୁରି ଦ୍ୱାରା ରାମ୍ପୁଡି ଦେଲେ ପୁନର୍ବାର ଛତୁ ଆସିଥାଏ । ଯେହେତୁ ଛତୁର ଚାହିଦା ଓଡ଼ିଶାରେ ବହୁତ କମ୍, ତେଣୁ ଅନ୍ୟ ରାଜ୍ୟକୁ ଛତୁ ପଠାଇ ଅଧିକ ରୋଜଗାର କରାଯାଇ ପାରିବ । ଏହି ଛତୁରୁ ବିଭିନ୍ନ ପ୍ରକାରର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରି ଆମ ରାଜ୍ୟ ତଥା ବାହାର ରାଜ୍ୟରେ ବିକ୍ରି କାରାଯାଇପାରିବ ।

ପାଳଛତୁ ଚାଷ

ପାଳଛତୁ ଏକ ଗ୍ରୀଷ୍ମ ମଣ୍ଡଳୀୟ ଖାଦ୍ୟ ଉପଯୋଗୀ ଛତୁ । ଏହି ଛତୁ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଯଥା: ଚୀନ, ମାଲେସିଆ, ଇଂଲାଣ୍ଡ, ଇଣ୍ଡୋନେସିଆ, ବ୍ରହ୍ମଦେଶ, ତାଇୱାନ୍‌ରେ ବହୁଳଭାବେ ଚାଷ କରାଯାଇଥାଏ । ଯଦିଓ ପାଳଛତୁ ଭାରତବର୍ଷରେ ତାମିଲ୍‌ନାଡୁ ରାଜ୍ୟରେ ପ୍ରଥମେ ୧୯୪୩ ମସିହାରେ ଚାଷ କରାଯାଇଥିଲା, କିନ୍ତୁ ଉତ୍ପାଦନରେ ବିଭିନ୍ନ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଥମସ୍ଥାନ ଅଧିକାର କରିଛି । ଆମ ରାଜ୍ୟର ବାର୍ଷିକ ପାଳଛତୁ ଉତ୍ପାଦନ ୧୦୦୦ ମେଟ୍ରିକ୍‌ଟନ୍‌ରୁ ଊର୍ଦ୍ଧ୍ୱ, ଯାହା ସମୁଦାୟର ପ୍ରାୟ ୬୬ ପ୍ରତିଶତ । ଏହା ସ୍ୱାଦ ଏବଂ ସୁଗନ୍ଧଯୁକ୍ତ କିନ୍ତୁ ଉତ୍ପାଦିକତା ଶକ୍ତି ବହୁତ କମ୍ (୧୦-୧୫ ପ୍ରତିଶତ) ଏବଂ ଅସ୍ଥିର । ଏହାର ଫସଲ ବଧ୍ ବହୁତ କମ୍ (୧୫ ଦିନ) । ପାଳ ଛତୁ ଅମଳ ପରେ ଧାରଣ ପରିବେଶରେ ୧୨ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇ ପାରିବ । ପାଳ ଛତୁ ଆମ ରାଜ୍ୟରେ ମାର୍ଚ୍ଚ ମାସ ଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ କରାଯାଉଛି ।

ଆବଶ୍ୟକୀୟ ଜଳବାୟୁ:

ତାପମାତ୍ରା ୨୫-୩୮° ସେଲ୍ସିୟସ୍, ଆଲୋକ: ୧୦୦୦ ଲକ୍ସ ଏବଂ ଆର୍ଦ୍ରତା: ୮୫%

ଆବଶ୍ୟକୀୟ ଉପାଦାନ:

ନଡ଼ା (୭ କିଗ୍ରା ବା ୧୪ ବିଡ଼ା)
ଛତୁ ବିହନ (୨୦୦ ଗ୍ରାମ୍)
ଡାଲିଗୁଣ୍ଡ କିମ୍ବା ଚୋକଡ଼ (୨୦୦ ଗ୍ରାମ)

ଚାଷ ପ୍ରଣାଳୀ:

ପ୍ରଥମେ ଉନ୍ନତ ମାନର ଶୁଖିଲା ଧାନ ନଡ଼ା ବିଡ଼ାକୁ ୧.୫ ଫୁଟ ଆକାରରେ କାଟି ପରିଷ୍କାର ପାଣିରେ ୬ଘଣ୍ଟା ଭିଜା ଯାଇଥାଏ । ଭିଜା ନଡ଼ାକୁ ପାଣିରୁ ଛାଣି ପରିଷ୍କାର ଛାଇ ଜାଗାରେ ରଖି ଦିଆଯାଏ, ଯେପରିକି ନଡ଼ାର ଜଳୀୟ ଅଂଶ ୬୫% ରହିବା ଆବଶ୍ୟକ ଅର୍ଥାତ୍ ନଡ଼ାକୁ ଚିପିଲେ ହାତ ଓଦା ରହିବ କିନ୍ତୁ ପାଣି ବାହାରିବ ନାହିଁ । ଛତୁ ମଞ୍ଜି ବୋତଲକୁ ଭାଙ୍ଗି ୨୦୦ ଗ୍ରାମ୍‌ର ମଞ୍ଜିକୁ ବାହାର କରି ତାକୁ ଚାରିଭାଗ କରି ଦିଆଯାଏ । ଛତୁ ପଟାଳି ପାଇଁ ଇଟା ବା ବାଉଁଶ ଦାରା ଭାଡ଼ି ପ୍ରସ୍ତୁତ କରି ୪ ବିଡ଼ା ନଡ଼ାକୁ ପୂର୍ବ-ପଶ୍ଚିମ କିମ୍ବା ଉତ୍ତର - ଦକ୍ଷିଣ କରି ବିଛାଇ ଦିଆଯାଏ । ନଡ଼ା ଉପରେ ଧାରରୁ ୩ ଇଞ୍ଚ ବ୍ୟବଧାନରେ ଏକ ଭାଗ ମଞ୍ଜିକୁ ଖଣ୍ଡ ଖଣ୍ଡ କରି ରଖି ଦିଆଯାଏ ଏବଂ ତା'ଉପରେ ୧ ଭାଗ ଡାଲି ଗୁଣ୍ଡ ବିଛାଇ ଦିଆଯାଏ । ପ୍ରଥମ ସ୍ତର ଉପରେ ଏବଂ ଏହାର ବି ରୀତ ଦିଗରେ ୪ ବିଡ଼ା ନଡ଼ା, ମଞ୍ଜି ଏବଂ ଡାଲିଗୁଣ୍ଡ ପ୍ରୟୋଗ କରାଯାଏ । ଦ୍ୱିତୀୟ ସ୍ତର ଉପରେ ଏହାର ବିପରୀତ ଦିଗରେ ୪ ବିଡ଼ା ନଡ଼ାରେ ତୃତୀୟ ସ୍ତର ପ୍ରସ୍ତୁତ କରାଯାଏ । ନଡ଼ା ଉପରେ ଅବଶିଷ୍ଟ ୨ ଭାଗ ମଞ୍ଜି ଏବଂ ଡାଲି ଗୁଣ୍ଡକୁ ଚାରିକଡ଼ରେ ଏବଂ ମଝିରେ ପ୍ରୟୋଗ କରାଯାଏ । ତୃତୀୟ ସ୍ତର ଉପରେ ଅବଶିଷ୍ଟ ୨ ବିଡ଼ା ନଡ଼ାକୁ ଏହାର ବପରୀତ ଦିଗରେ ଘୋଡ଼ାଇ ଦିଆଯାଏ । ଏହାପରେ ସଂପୂର୍ଣ୍ଣ ପଟାଳିକୁ ହାଲୁକା ଭାବେ ଦବାଇ ପଲିଥିନ୍ ଚଦରରେ ଘୋଡ଼ାଇ ଦିଆଯାଏ । ଏହିଭଳି ଅବସ୍ଥାରେ ପ୍ରସ୍ତୁତ ପଟାଳିରେ ଫିମ୍ପି ମାଡ଼ିବା ପାଇଁ ପ୍ରାୟ ୭ଦିନ ଛାଡ଼ି ଦିଆଯାଏ ।

ପଟାଳିରେ ସଂପୂର୍ଣ ଫିମ୍ପି ମାଡ଼ିଗଲାପରେ ପଲିଥିନ ଚଦରକୁ ବାହାର କରିଦିଆଯାଏ । ଏହି ସମୟରେ ପାଗକୁ ଦେଖି ଦିନକୁ ଥରେ କିମ୍ବା ଦୁଇଥର ପାଣି ସିଞ୍ଚନ କରିବାକୁ ପଡ଼େ । ପଟାଳି ପ୍ରସ୍ତୁତିର ୯-୧୦ ଦିନ ପରେ ସେଥିରେ ଛୋଟଛୋଟ ଶାଗୁଦାନା ସଦୃଶ ଧଳା କଢ଼ମାନ ଦେଖାଯାଏ, ଯାହା ଧୀରେଧୀରେ କଳା ବର୍ଣ୍ଣକୁ ପରିବର୍ତ୍ତିତ ହୋଇ ବୃଦ୍ଧି ପାଏ । ପ୍ରାୟ ୧୪-୧୫ ଦିନରେ ପ୍ରଥମ ପର୍ଯ୍ୟାୟରେ ସମୁଦାୟ ଉତ୍ପାଦନର ୮୦ ପ୍ରତିଶତ ଅମଳ କରାଯାଏ । ପରବର୍ତ୍ତୀ ୭-୮ ଦିନରେ ଅବଶିଷ୍ଟ ୨୦ ପ୍ରତିଶତ ଅମଳ ମିଳିଥାଏ । ଏହିପରି ପ୍ରତି ୭ କିଲୋଗ୍ରାମ ଶୁଖିଲା ନଡ଼ାରୁ ୭୦୦ ଗ୍ରାମ ୧କିଗ୍ରା ପର୍ଯ୍ୟନ୍ତ ଛତୁ ଅମଳ ମିଳିଥାଏ । ଏକ ପଟାଳି ପାଇଁ ୧୦ ବର୍ଗଫୁଟ ଜାଗା ଆବଶ୍ୟକ ହୋଇଥାଏ । ସାଧାରଣ ପରିବେଶରେ ଛତୁ ତୋଳିବାର ୧୨ ଘଣ୍ଟା ପର୍ଯ୍ୟନ୍ତ ରଖାଯାଇଥାଏ ।

ଆୟବ୍ୟୟର ଅଟକଳ:

ନଡ଼ା (୭କିଗ୍ରା)	ଟ. ୨୮.୦୦
ଛତୁ ବିହନ (୨୦୦ ଗ୍ରା)	ଟ. ୧୨.୦୦
ଡାଲି ଗୁଣ୍ଡ (୨୦୦ ଗ୍ରା)	ଟ.୪.୦୦
ଅନ୍ୟାନ୍ୟ ଖର୍ଚ୍ଚ	ଟ.୧୬.୦୦
ସମୁଦାୟ ଖର୍ଚ୍ଚ	ଟ. ୬୦.୦୦
ଛତୁର ବିକ୍ରୟ ମୂଲ୍ୟ (କିଗ୍ରାପ୍ରତି)	ଟ. ୧୨୦.୦୦
ଆୟ (୧କିଗ୍ରା ଛତୁ)	ଟ. ୧୨୦.୦୦
ଲାଭ	ଟ. ୬୦.୦୦

ତେଣୁ ଏକ ପଟାଳି ପ୍ରସ୍ତୁତ କରିବା ପାଇଁ ୬୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଜଣେ ବ୍ୟକ୍ତି ୨୧ ଦିନର ଫସଲ ଚକ୍ରରେ ୧୦୦୦ ବର୍ଗଫୁଟ ସ୍ଥାନରୁ ପାଖାପାଖି ୧୦ହଜାର ରୁ ୧୫ ହଜାର ଟଙ୍କା ଆୟ କରି ପାରିବ ।

ଓଡ଼ିଶାର ଜଳବାୟୁ ପାଳଛତୁ ପାଇଁ ଅନୁକୂଳ । ଗରିବ ତଥା ମିହୀନ ପୁରୁଷ ଏବଂ ମହିଳା ଏହାକୁ ଜୀବିକାରୂପେ ଆପଣେଇ ନିଜ ପରିବାରର ଭରଣ ପୋଷଣ କରି ।ରିବେ । ଏଥି ।ଇଁ କେନ୍ଦ୍ର ତଥା ରାଜ୍ୟ ସରକାର ଆବଶ୍ୟକୀୟ ଭିତ୍ତିଭୂମି ସକାଶେ ରିହାତି ଯୋଗାଇ ଦେଉଛନ୍ତି ଏବଂ ବିଭିନ୍ନ ଋଣ ପ୍ରଦାନକାରୀ ସଂସ୍ଥାମାନେ ମଧ୍ୟ କମ୍ ସୁଧରେ ଋଣ ଯୋଗାଉଛନ୍ତି । ଛତୁଚାଷ ଏବଂ ତାଲିମ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଭୁବନେଶ୍ୱରରେ ଥିବା ଛତୁ ଗବେଷଣା କେନ୍ଦ୍ରର ମୁଖ୍ୟଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ ।

ଛତୁଚାଷ ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ:

- ଅଧିକ ଛତୁ ଉତ୍ପାଦନ କରିବା ପାଇଁ ଉତ୍ତମମାନର ଶୁଖିଲା ଧାନ ନଡ଼ା ଆବଶ୍ୟକ ।
- ଧାନ ନଡ଼ା ବ୍ୟତୀତ ପାଳ, ଗହମ ନଡ଼ା, ମାଣ୍ଡିଆ ନଡ଼ା, ଆଖୁଛେଦା, କଦଳୀପତ୍ର, ବିଲାତି ଦଳ ଏବଂ ଲୁଗାକଳର ମଇଳା ବ୍ୟବହାର କରାଯାଇ ପାରେ ।
- ଡାଲି ଗୁଣ୍ଡ ବଦଳରେ ଧାନ କୁଣ୍ଡା ବା ଗହମ ଚୋକଡ଼ ମଧ୍ୟ ବ୍ୟବହାର ଯୋଗ୍ୟ ।
- ଛତୁ କଡ଼ ଆସିବା ସମୟରେ ଅଧିକ ଆଲୋକ, ଅମ୍ଳଜାନ ତଥା ଆବଶ୍ୟକୀୟ ତାପମାତ୍ରା ରକ୍ଷା କରିବା ଦ୍ୱାରା ଅଧିକ ଅମଳ ମିଳିଥାଏ ।

- ଛତୁ ପଟାଳିକୁ ମାଟି ଉପରେ ନ ପକାଇ ବାଉଁଶ କିମ୍ବା ପ୍ଲାଷ୍ଟିକ୍ ପାଇପ୍‌ରେ ପ୍ରସ୍ତୁତ ଭାଡ଼ିରେ ପକାଇଲେ ଅଣୁଜୀବ ସଂକ୍ରମଣ କମ୍ ହୋଇ ଅଧିକ ଅମଳ ମିଳିଥାଏ ।
- ପାଳଛତୁ ପଟାଳିରେ ଗୋବର ଛତୁକୁ ନିୟନ୍ତ୍ରଣ କରିବା ପାଇଁ ନଡ଼ା ବତୁରାଇବା ସମୟରେ ପ୍ରତି ୧୦୦ ଲିଟର ପାଣିରେ ୧ରୁ ୨ କଟି ଲାଗ୍ରାମ ଚୂନ ମିଶାଇବା ଆବଶ୍ୟକ ।
- ଛତୁ ପଟାଳିର ଆକାର ଖରାଦିନେ ଅପେକ୍ଷାକୃତ ଛୋଟ ଏବଂ ଶୀତଦିନେ ବଡ଼ କରାଯାଇ ବର୍ଷସାରା ଛତୁ ଅମଳ କରାଯାଇ ପାରିବ ।
- ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀ ତଥା ନିୟନ୍ତ୍ରିତ ପରିବେଶରେ ପାଳଛତୁ କରାଗଲେ ଉପରୋକ୍ତ ପ୍ରଣାଳୀ ଠାରୁ ପ୍ରାୟ ୩ଗୁଣା ଅଧିକ ଅମଳ ମିଳିଥାଏ ।
- ଛତୁକୁ ସର୍ବଦା କଡ଼ ଅବସ୍ଥାରେ ତୋଳିବା ଆବଶ୍ୟକ । କାରଣ ଫୁଟା ଛତୁ ଅପେକ୍ଷା କଡ଼ ଛତୁର ସଂରକ୍ଷଣ ଶକ୍ତି ଅଧିକ ।

Published by:
All India Co-ordinated Research project on Mushroom, Department of Plant Pathology, College of Agriculture OUAT, Bhubaneswar
Printed at: ankitagraphics, Bhubaneswar, Cell: 9437077337

ଛତୁ ବେଡ୍‌ରେ ଲାଗୁଥିବା ପୋକ :

ଛତୁରେ ଥିବା ଖାଦ୍ୟସାର, ପୋଷକତତ୍ତ୍ୱ ଏବଂ ବିଶେଷ ଭାବରେ ଲାଭ ଯୋଗୁଁ ଛତୁଚାଷ ରୋଜଗାରର ଏକ ମୁଖ୍ୟ ମାଧ୍ୟମ ହୋଇଅଛି । ପାଳଛତୁ, ଧିଙ୍ଗିରୀ ଛତୁ, ବୋତାମ ଛତୁ ଓ ଦୁଧ ଛତୁ ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଉଛି । ବ୍ୟବସାୟିକ ଭିତ୍ତିରେ ଛତୁଚାଷ ନିୟନ୍ତ୍ରିତ ପରିବେଶରେ କରାଯାଇଥାଏ । ଏହି ପରିବେଶରେ ମଧ୍ୟ ବିଭିନ୍ନ ପ୍ରକାର ପୋକ ଛତୁ ବେଡ୍‌ରେ ଲାଗିଥାନ୍ତି ଓ ଛତୁ ଫିମ୍ବିକୁ ନଷ୍ଟ କରିଥାନ୍ତି ।

୧. ଛତୁ ବେଡ୍‌ରେ ଲାଗୁଥିବା ପୋକ :

ଏହାର ପ୍ରାପ୍ତବୟସ୍କ ମାଛି ଛତୁ ବେଡକୁ ଆକର୍ଷିତ ହୋଇ ଆସନ୍ତି ଏବଂ ଏଥିରେ ଅଣ୍ଡା ଦିଅନ୍ତି । ପରେ ପରେ ଏହି ଅଣ୍ଡାରୁ ମେଞ୍ଚା ମେଞ୍ଚା ଲାର୍ଭା ଫୁଟି ଛତୁକୁ ଖାଇଥାନ୍ତି । ଏଇ ଲାର୍ଭାଗୁଡିକର ଲମ୍ବା ୫ ରୁ ୭ ମିଲି.ମି. ଏବଂ ଏହାର ଗୋଟିଏ କଳା ମୁଣ୍ଡ ଥାଏ ।

୨. ଫୋରିଡି ମାଛି

ଏହାର ଲାର୍ଭା ଗୁଡିକ ଘିଅ ରଙ୍ଗର ଏବଂ ଲମ୍ବରେ ୪-୫ ମିଲି.ମି. ହୋଇଥାନ୍ତି । ଏମାନଙ୍କର ଗୋଟିଏ ଗୋଜିଆ ମୁଣ୍ଡ ଥାଏ । ଏଇ ପୋକ ବେଡ଼ର ବିଶେଷ କ୍ଷତି କରିନଥାଏ । କିନ୍ତୁ ଛତୁରେ ଲାଗୁଥିବା ବିଭିନ୍ନ କବକ ଜନିତ ରୋଗର ବାହାକ ହୋଇଥାଏ ।

୩. ସ୍ପ୍ରିଙ୍ଗ ଟେଲ୍

ଏଇ ପୋକ ଛତୁ ବେଡ ଏବଂ ଫୁଟିଥିବା ଛତୁ ଉପରେ ବହୁଳ ଭାବେ ଦେଖାଯାଇଥାଏ । ଏଗୁଡିକ ବହୁତ ଛୋଟ ଏବଂ ୦.୫ - ୨ ମିଲି.ମି. ଲମ୍ବା ହୋଇଥାନ୍ତି । ବଡ ହୋଇଗଲେ ଏଗୁଡିକ କଳା ରଙ୍ଗର ହୋଇଥାନ୍ତି । ଏଇ ପୋକଗୁଡିକ ଛତୁ ଫିମ୍ବିର ଜାଲକ (myceliym) କୁ ଖାଇଥାନ୍ତି ଏବଂ ଛତୁ ଫୁଟିବାକୁ ଦେଇନଥାନ୍ତି ।

୪. ଅଷ୍ଟପଦୀ

ଏଗୁଡିକ ମଧ୍ୟ ଆଠଟି ଗୋଡ ଥିବା ବହୁତ କ୍ଷୁଦ୍ରାତି କ୍ଷୁଦ୍ର ପୋକ । ଏଗୁଡିକ ମଧ୍ୟ ଛତୁ କବକର ଜାଲକକୁ ଖାଇଥାନ୍ତି ଏବଂ ଛତୁକୁ ଫୁଟିବାକୁ ଦେଇନଥାନ୍ତି ।

୫. ଛୋଟ କଙ୍କଡା ବିଛା

ଏଇ ଛୋଟ କଙ୍କଡା ବିଛାଗୁଡିକ ବିଶେଷ କରି ପଚି ଯାଇଥିବା ନଡା, ଅତି ପୁରୁଣା ନଡାରେ ପକାଯାଇଥିବା ଛତୁ ବେଡ୍‌ରେ ଲାଗିଥାନ୍ତି । ଏଗୁଡିକ ମଧ୍ୟ ଛତୁ ବେଡ୍‌ରେ ଲାଗୁଥିବା କବକ ଜାଲକକୁ ଖାଇଥାନ୍ତି ଓ ଫୁଟିଥିବା ଛତୁ ଦେହରେ ଲାଗିଥାନ୍ତି ।

ଉକୁଣୀ ପୋକ

ଏ ପୋକଗୁଡିକ ବହୁତ ଛୋଟ ଓ କଳା ରଙ୍ଗର ହୋଇଥାନ୍ତି । ଏଗୁଡିକ ଛତୁ ବେଡ୍‌ରେ ବହୁଳ ମାତ୍ରାରେ ଛତୁ ବେଡ୍‌ରେ ଲାଗିଥାନ୍ତି ।

ଛତୁ ବେଡରେ ଲାଗୁଥିବା ପୋକର ପ୍ରତିକାର :

୧. ନିୟମିତ ବ୍ୟବଧାନରେ ଛତୁ ଘରକୁ ପରିଷ୍କାର ରଖନ୍ତୁ ।

୨. ପ୍ରତି ପନ୍ଦର ଦିନରେ ଥରେ ଛତୁ ଅମଳ ସରିଲା ପରେ ବ୍ୟବହାର ହୋଇଥିବା ନଡାକୁ ବାହାରେ କମ୍ପୋଷ୍ଟ କରନ୍ତୁ ଏବଂ ଛତୁ ଘରକୁ ୨% ଫରମାଲିନ୍ ଦ୍ରବଣରେ ସ୍ପ୍ରେ କରନ୍ତୁ । ଛତୁ ଘରର କବାଟ ଝରକା ୨୪ ଘଣ୍ଟା ବନ୍ଦ ରଖନ୍ତୁ ଏବଂ ୨ ଦିନ ପରେ ପୁନଶ୍ଚ ଛତୁ ବେଡ୍ ପକାନ୍ତୁ । (୨% ଫର୍ମାଲିନ୍) – ବଜାରରେ ମିଳୁଥିବା ଫର୍ମାଲିନ୍ (୪୦%) ରୁ ୫୦ ମି.ଲି. ସହିତ ୯୫୦ ମି.ଲି. ପାଣି ମିଶାଇ ପ୍ରସ୍ତୁତ କରନ୍ତୁ ।

୩. ଛତୁ ଘରେ ସଠିକ ପରିମାଣର ଆର୍ଦ୍ରତା ଏବଂ ବାୟୁ ଚଳାଚଳ ନିଶ୍ଚିନ୍ତ କରନ୍ତୁ ।

୪. ପ୍ରତି ପନ୍ଦର ଦିନରେ ଥରେ ଛତୁ ଘରର କାନ୍ଥ, ଭାଡି ଏବଂ ଚଟାଣକୁ କାର୍ବେଣ୍ଡାଜିମ୍ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଛତୁ ବେଡ ନଥିବା ସମୟରେ ସିଞ୍ଚନ କରନ୍ତୁ । ଏହା ଫଳରେ ଛତୁ ଘରେ ଲାଗୁଥିବା ଅଧିକ ଆଦ୍ରତାଜନିତ କବକ ରୋଗଗୁଡିକୁ ନିୟନ୍ତ୍ରଣ କରାଯାଇପାରିବ ।

୫. ଛତୁ ଘରର ଚାରି ।ଖରେ ଥିବା ଅନାବନା ଘାସବୁଦା, ପୁରୁଣା କାଠ ଗୁଡିକୁ ସଫା କରନ୍ତୁ ।

୬. ଛତୁ ଘରକୁ ଲାଗି କରି କମ୍ପୋଷ୍ଟ ଗାତ କରନ୍ତୁ ନାହିଁ ।

୭. ନଡା ବତୁରାଇବା ଟାଙ୍କିକୁ ବ୍ଲିଚିଂ ପାଉଡର ପକାଇ ଜୀବାଣୁ ମୁକ୍ତ କରାନ୍ତୁ ।

Published by:
All India Co-ordinated Research Project on Mushroom, Department of Plant Pathology, College of Agriculture, OUAT, Bhubaneswar
Printed at: Omm Maa Mangala Press, BBSR., Cell : 9861248305

ଛତୁ ବେଡ୍‌ରେ ଲାଗୁଥିବା ରୋଗ

ଛତୁ ଚାଷ ଏକ ଲାଭଜନକ ବ୍ୟବସାୟ । ମୁଖ୍ୟତଃ ପାଳଛତୁ, ଧିଙ୍ଗିରି ଛତୁ ଓ ବୋତାମ ଛତୁ ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଏ । ଆମ ରାଜ୍ୟ ସର୍ବଭାରତୀୟ ସ୍ତରରେ ଛତୁ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି । ଛତୁରେ ଥିବା ଖାଦ୍ୟ ଏବଂ ଔଷଧିକ ଗୁଣ ଓ ଏହାର ସହଜ ଚାଷ ପ୍ରଣାଳୀ ଯୋଗୁଁ ବର୍ଷସାରା ଚାଷ କରାଯାଇଥାଏ । ଯଦିଓ ଛତୁ ନିୟନ୍ତ୍ରିତ ପରିବେଶରେ ଚାଷ କରାଯାଏ, ବିଭିନ୍ନ ପ୍ରକାରର ରୋଗ ଜୀବାଣୁ ଛତୁର ବୃଦ୍ଧି ସମୟରେ କ୍ଷତି କରିଥାଏ । ଏହି ରୋଗଗୁଡିକ ଛତୁ ମଞ୍ଜି ପକାଇବା ପରଠାରୁ ଅମଳ ପର୍ଯ୍ୟନ୍ତ ଛତୁ ବେଡ୍‌କୁ ଆକ୍ରାନ୍ତ କରିଥାନ୍ତି । ଛତୁ ବେଡ୍‌କୁ କ୍ଷତି ପହଞ୍ଚାଉଥିବା ବିଭିନ୍ନ ଜୈବିକ କାରଣ ଗୁଡିକ ହେଲା :- କବକ, ଜୀବାଣୁ ଓ ଭୁତାଣୁ । ବିଭିନ୍ନ ଅଜୈବିକ କାରଣଗୁଡିକ ମଧ୍ୟରୁ ବାୟୁ, ତାପମାତ୍ରା ଏବଂ ଖାଦ୍ୟସାର ଜନିତ କାରଣଗୁଡିକ ପ୍ରଧାନ ।

ଛତୁ ବେଡ୍‌ରେ ଲାଗୁଥିବା କବକ ଜନିତ ରୋଗ

୧. କୋପ୍ରିନସ୍ (ଗୋବର ଛତୁ)

ଭଲଭାବରେ ଶୁଖିନଥିବା ନଡା କିମ୍ବା ଧାନ ଅମଳ ପରେ ପରେ ସଂଗୃହୀତ ନଡାରେ ଏଇ ରୋଗ ଲାଗିଥାଏ । ନଡାରେ ଅଧିକ ପତୁରି ଅଂଶ ରହିଲେ ମଧ୍ୟ ଏଇ ରୋଗ ହୋଇଥାଏ । ଏଥିରେ ଧଳା ଓ ଫମ୍ପା ନାଡ ଥିବା ଡେଙ୍ଗା ଛତୁ ହୁଏ । ଛତୁର ଉପରିଭାଗରେ ଏକ ଛୋଟିଆ କଳା ରଙ୍ଗର ଛତା ଥାଏ । ଏଗୁଡିକ ଛତୁ ମଞ୍ଜିକୁ ଖାଇଯାଇଥାନ୍ତି ଏବଂ ଏପରି ବେଡ୍‌ରେ ଛତୁ ଆଦୌ ଫୁଟି ନଥାଏ ।

୨. ସ୍କ୍ଲେରୋସିୟମ (ସୋରିଷ ଦାନା ରୋଗ)

ଏଇ ରୋଗରେ ଛତୁ ଫିମ୍ପି ମାଡିବା ବଦଳରେ ସୋରିଷଦାନା ରୋଗର ଫିମ୍ପି ମାଡିଯାଏ । ଜରି ଘୋଡାଇବା ଭିତରେ ବହୁତ କମ୍ ସମୟରେ ସାରା ବେଡ୍‌କୁ ଏହାର କବକଜାଲ ଆକ୍ରାନ୍ତ କରିଥାଏ । ୨/୩ ଦିନ ପରେ ଛୋଟ ବାଦାମୀ ରଙ୍ଗର ଗୋଲାକାର ସୋରିଷ ଦାନା ଭଳି ପଦାର୍ଥ ସୃଷ୍ଟି ହୁଏ । ଏଇ ରୋଗ ଭଲ ଭାବେ ବିଶୋଧିତ ହୋଇ ନଥିବା ନଡାରେ ହୁଏ ।

୩. ଟ୍ରାଇକୋଡ୍ରମା (ନୀଳ ଫିମ୍ପି ରୋଗ)

ଏ ରୋଗ ବିଶେଷ କରି ଧିଙ୍ଗିରି ଛତୁ ବେଡ୍‌ରେ ଲାଗେ । ନଡା ଭଲ ଭାବରେ ବିଶୋଧିତ ନହେଲେ ଏ ରୋଗ ଲାଗିଥାଏ । ଏଥିରେ ନୀଳ କବକ ଗୁଣ୍ଡ ଭଳି ବେଡ୍‌ରେ ଠାଏ ଠାଏ ଲାଗିଥାଏ । ଏଇ ନୀଳ କବକ ବହୁତ ଶୀଘ୍ର ବଢ଼ିଥାଏ ଓ ଛତୁକୁ ବଢ଼ିବାକୁ ଦେଇନଥାଏ ।

୪. ଆସ୍ ରଜିଲସ୍ ନାଇଜର (କଳ ଫିମ୍ପି ରୋଗ)

ଏ ରୋଗ ମଧ୍ୟ ପାଳଛତୁ ଓ ଧିଙ୍ଗିରି ଛତୁ ବେଡ୍‌ରେ ଲାଗିଥାଏ । ଏଥିରେ କଳା ରଙ୍ଗର କବକ ଛତୁ ବେଡ୍‌ର ବିଭିନ୍ନ ସ୍ଥାନରେଏବଂ ବେଡ୍ ଭିତରେ ବହୁତ ଶୀଘ୍ର ମାଡିଥାଏ ଏବଂ ଛତୁ ଫିମ୍ପିକୁ ବଢ଼ିବାକୁ ଦେଇନଥାଏ । ଛତୁ ଚାଷ କରାଯାଉଥିବା ଘର ଅପରିଷ୍କାର ରହିଲେ ଏ ରୋଗ ବିଶେଷ ଭାବେ ଦେଖାଦେଇଥାଏ । ଏଇ କବକ ଗୋଟିଏ ବେଡ୍‌ରୁ ଅନ୍ୟ ବେଡ୍‌କୁ ବାୟୁ ଦ୍ୱାରା ସଂକ୍ରମଣ କରିଥାଏ ।

ଉପରୋକ୍ତ କବକ ବ୍ୟତୀତ ଆସ୍ ରଜିଲସ୍ ଫ୍ଲାଭସ୍ ମଧ୍ୟ ଛତୁ ବେଡ୍‌କୁ ଆକ୍ରାନ୍ତ କରିଥାଏ । ଆସ୍‌ପରଜିଲସ୍ ଫ୍ଲାଭସ୍ ଏବଂ ଆସ୍ ରଜିଲସ୍ ନାଇଜର ଛତୁ ବିହନକୁ ମଧ୍ୟ ଆକ୍ରାନ୍ତ କରିଥାଏ ।

ଛତୁ ବେଡ୍‌ରେ ଲାଗୁଥିବା ଜୀବାଣୁ ଜନିତ ରୋଗ

୧. ବ୍ଲଟ୍ ରୋଗ (ସୁଡୋମୋନାସ୍ ସ୍ପେସିସ୍)

ଏ ରୋଗରେ ଫିକା ହଳଦିଆ ରଙ୍ଗର ଦାଗ ଛତୁର ଛତା ଉପରେ ଦେଖାଯାଏ ଏବଂ ପରେ ପରେ ବାଦାମୀ ରଙ୍ଗ ପଡିଥାଏ । ଛତୁ କଢ଼ ଥିବା ଅବସ୍ଥାରେ ବେଡ୍‌ରେ ଅଧିକ ପାଣି ଦେଲେ ଏହି ରୋଗ ହୋଇଥାଏ । ଏହା ଫଳରେ ଛତୁ ବେଡ୍‌ରେ କଢ଼ଗୁଡିକ ପଚିଯାଏ ଓ ଗନ୍ଧ ସୃଷ୍ଟି ହୁଏ ।

୨. ଆମ୍ଳିଳା ପଚା ରୋଗ (ବାସିଲସ୍ ସ୍ପେସିସ୍)

ଏ ରୋଗ ବିଶେଷ ଭାବରେ ଛତୁ ମଞ୍ଜି ବୋତଲରେ ଲାଗିଥାଏ । ଫିକା ପାଉଁଶିଆ ଏବଂ ବାଦାମୀ ରଙ୍ଗର ଲାଳୁଆ ଅଂଶ ମଞ୍ଜି ବୋତଲ ଭିତରେ ଦେଖାଯାଏ ।

ଛତୁ ରୋଗର ନିରାକର

୧. ଛତୁ ଘରେ ବେଡ୍ ପକାଇବା ପୂର୍ବରୁ ଛତୁ ଘରକୁ ଭଲଭାବେ ପରିଷ୍କାର କରିବା ଉଚିତ୍ ।

୨. ଛତୁ ଘରେ ବ୍ୟବହାର ହେଉଥିବା ଜିନିଷ ଯଥା ସ୍ପ୍ରେୟର, ବାଲ୍ଟି, ମଗ, କୁଣ୍ଡ ସବୁକୁ ଭଲଭାବେ କ୍ଲିଚିଂ ପାଉଡର ପକେଇ ପରିଷ୍କାର କରିବା ଉଚିତ୍ ।

୩. ରୋଗାକ୍ରାନ୍ତ ଏବଂ ପଚା ଛତୁ ବେଡ୍ ଘରଭିତରୁ ନିଷ୍କାସନ କରିବା ଉଚିତ୍ ।

୪. ଅତି ପୁରୁଣା ଏବଂ ଖରାପ ନଡା ଛତୁ ବେଡ୍‌ରେ ବ୍ୟବହାର କରିବା ଉଚିତ୍ ନୁହେଁ ।

୫. ଛତୁ ବେଡ୍‌ରେ ବେଶୀ ପାଣି ଦେବା ଉଚିତ୍ ନୁହେଁ ।

୬. ଛତୁ ଘର ମଧ୍ୟରେ ବାୟୁ ମଣ୍ଡଳୀୟ ଆର୍ଦ୍ରତାକୁ କମାଇବା ଉଚିତ୍ ।

୭. ଶତକଡା ୭୦ ଭାଗ ଆର୍ଦ୍ରତା ଥବ୍ । ନଡାରେ ଛତୁ ବେଡ୍ ପକାନ୍ତୁ ନାହିଁ ।

୮. ଛତୁ ଘରକୁ ଜୀବାଣୁମୁକ୍ତ କରିବା ପାଇଁ ପ୍ରତି ମାସରେ କାର୍ବେଣ୍ଡାଜିମ୍ ୨ ଗ୍ରାମ/ ୧ ଲିଟର ପାଣି ଦ୍ରବଣରେ ଛତୁ ଘରର କାନ୍ଥ, ଚଟାଣ ଓ ଭାଡି ସବୁକୁ ସିଞ୍ଚନ କରନ୍ତୁ । ସିଞ୍ଚନ କାର୍ଯ୍ୟ ଛତୁ ବେଡ୍ ନଥିବା ସମୟରେ କରନ୍ତୁ । ସାତ ଦିନ ପରେ ପୁନଶ୍ଚ ଛତୁ ବେଡ ପକାନ୍ତୁ ।

୯. ନଡା ବତୁରେଇବା ଟାଙ୍କିର ପାଣି ସବୁଦିନ ବଦଳାନ୍ତୁ । ତାକୁ କ୍ଲିଚିଂ ପାଉଡରରେ ବଟି ଶାଧନ କରନ୍ତୁ ।

୧୦. ଛତୁ ଘରର ଚାରି ।ଖ ସଫାସୁତୁରା ରଖନ୍ତୁ । ବିଶେଷ କରି ଛତୁଘର ଚାରି ଟେ ଥିବା ଅନାବନା ଘାସବୁଦା, ଶୁଖିଲା କାଠ ଗଣ୍ଡି ରଖନ୍ତୁ ନାହିଁ ।

Published by:
All India Co-ordinated Research Project on Mushroom, Department of Plant Pathology, College of Agriculture, OUAT, Bhubaneswar
Printed at: Omm Maa Mangala Press, BBSR., Cell : 9861248305

ଦୁଧ ଛତୁ :

ଦୁଧଛତୁ ଏକ ଗ୍ରୀଷ୍ମଣ୍ଡଳୀୟ ଖାଦ୍ୟ ଉପଯୋଗୀ ଛତୁ ଯାହାକି ଭାରତର ପଶ୍ଚିମବଙ୍ଗରୁ ୧୯୭୪ ମସିହାରେ ଆବିଷ୍କୃତ ହୋଇଥିଲ୍ ।। ଏହାର ରଙ୍ଗ ଦୁଧଭଳି ଧଳା ହୋଇଥିବାରୁ ଏହାକୁ ଦୁଧ ଛତୁ ବୋଲି କୁହାଯାଏ । ଏହା ସାଧାରଣତଃ ବର୍ଷାଦିନେ ପ୍ରାକୃତିକ ପରିବେଶରେ ମାଟି ଉପରେ ଦେଖିବାକୁ ମିଳେ । ପାଳଛତୁ ଭଳି ଏହାକୁ ଉଚ୍ଚତାପମାତ୍ରାରେ ଚାଷ କରାଯାଇଥାଏ । ଯଦିଓ ଓଡିଶାରେ ପାଳଛତୁ ଏବଂ ଶାମୁକା ଛତୁ ଭଳି ଲୋକପ୍ରିୟ ହୋଇପାରିନାହିଁ କିନ୍ତୁ ଦକ୍ଷିଣ ଭାରତରେ ଦୁଧ ଛତୁ ବହୁଳ ମାତ୍ରାରେ ଚାଷ କରାଯାଏ । ଏହାର ଆକର୍ଷଣୀୟ ରଙ୍ଗ, ଆକୃତି, ଉଚ୍ଚ ଉତ୍ପାଦିକତା ତଥା ସଂରକ୍ଷଣ କ୍ଷମତା ଯୋଗୁଁ ଉଭୟ ଚାଷୀ ଏବଂ ଉପଭୋକ୍ତାମାନଙ୍କ ମଧ୍ୟରେ ନିଶ୍ଚୟ ଆଦୃତି ଲାଭ କରିବ ।

ଖାଦ୍ୟ ଗୁଣ :

ଦୁଧ ଛତୁ ଏକ ଆକର୍ଷଣୀୟ ଛତୁ ହେବା ସହିତ ଖାଦ୍ୟ ଗୁଣରେ ଭରପୁର, ଶୁଖିଲା ଛତୁ ଓଜନ ହିସାବରେ, ଏଥିରେ ୧୭.୬୯ ପ୍ରତିଶତ ପୃଷ୍ଟିସାର, ୬୪.୨୬ ପ୍ରତିଶତ ଶ୍ୱେତସାର, ୪.୧ ପ୍ରତିଶତ ଚର୍ବି ଏବଂ ୩.୨ ପ୍ରତିଶତ ତନ୍ତୁଜାତୀୟ ପଦାର୍ଥ ରହିଥାଏ, ଏହା ବ୍ୟତୀତ ମନୁଷ୍ୟ ଶରୀର ପାଇଁ ଆବଶ୍ୟକୀୟ ବିଭିନ୍ନ ଧାତବ ଲବଣ ଯଥା କ୍ୟାଲସିୟମ୍, ଫସଫରସ୍, ସୋଡିୟମ୍, ଆଇରନ୍, ପୋଟାସିୟମ୍, କପର ଇତ୍ୟାଦି ଉତ୍ତମ ମାତ୍ରାରେ ରହିଥାଏ ।

ପାଣି ପାଗ :

ଯେହେତୁ ଦୁଧଛତୁ ଏକ ଗ୍ରୀଷ୍ମମଣ୍ଡଳୀୟ ଛତୁ । ଏହା ସାଧାରଣତଃ ଉଭୟ ଗ୍ରୀଷ୍ମ ଏବଂ ବର୍ଷାଋତୁରେ ଚାଷ କରାଯାଇଥାଏ । ତାପମାତ୍ରା ୨୫-୩୭ ଡିଗ୍ରୀ ସେଁ ଗ୍ରେଡ ଏବଂ ୮୫ ପ୍ରତିଶତ ଆପେକ୍ଷିକ ଆର୍ଦ୍ରତା ଥିବା ଜଳବାୟୁରେ ଅଧିକ ଉତ୍ପାଦନ ହୋଇଥାଏ । ଉତ୍ତମ ଭାବେ ବାୟୁ ଚଳାଚଳ କରିପାରୁଥିବା ଘର ମଧ୍ୟରେ ଆମ ରାଜ୍ୟରେ ମାର୍ଚ୍ଚ ମାସ ଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଚାଷ କରାଯାଇପାରିବ ।

ଛତୁ ଚାଷ ପାଇଁ ଆବଶ୍ୟକୀୟ ଉପାଦାନ :

ଦୁଧ ଛତୁକୁ ଧିଙ୍ଗିରୀ ଛତୁ ଭଳି ବ୍ୟାଗ ପ୍ରସ୍ତୁତ କରି ଚାଷ କରାଯାଇଥାଏ । ଏଥି ାଇଁ ୧.୫ କେ.ଜି. ଧାନନଡା ଏବଂ ୨୦୦ ଗ୍ରାମ ଛତୁ ମଞ୍ଜି ଦରକାର ହୋଇଥାଏ । ଏହି ଛତୁ ଚାଷ କରିବା ପାଇଁ ୬୦ ସେ.ମି. x ୪୦ ସେ. ମି. ଆକାରର ପଲିଥିନ ବ୍ୟାଗ ଦରକାର ହୋଇଥାଏ ।

ଚାଷ ପ୍ରଣାଳୀ :

ଶୁଖିଲା ତଥା ଉତ୍ତମମାନର ଧାନ ନଡାର ଅଗଭାଗକୁ କାଟି ଅଲଗା କରି ଦିଆଯାଏ । ଏହାପରେ ନଡାକୁ ୨-୩ ଇଞ୍ଚ ଆକାରରେ କାଟି ୬ ଘଣ୍ଟା ପାଣିରେ ବତୁରାଇ ଦିଆଯାଏ । ଭିଜା ନଡାକୁ ଅଧଘଣ୍ଟା ପର୍ଯ୍ୟନ୍ତ ଗରମ ବାଙ୍ଗରେ ବିଶୋଧନ କରାଯାଏ । ଯାହାଫଳରେ ନଡାରେ ଥିବା ଅଦରକାରୀ ରୋଗ ଜୀବାଣୁ ଅଧିକାଂଶରେ ନଷ୍ଟ ହୋଇଯାଏ । ଏହାପରେ ପରିଷ୍କାର ଚଟାଣ ଉପରେ ଖେଳାଇ ଦିଆଯାଏ । ଯେପରିକି ଏଥିରେ ଆର୍ଦ୍ରତା ପ୍ରାୟ ୫୦-୫୫ ପ୍ରତିଶତ ରହିବ । ବୋତଲରୁ ଛତୁ ମଞ୍ଜିକୁ ବାହାର କରି ୪ ଭାଗ କରି ଦିଆଯାଏ । ପଲିଥିନ ବ୍ୟାଗରେ ୩ ଇଞ୍ଚ ବହଳର ନଡା ଭର୍ତ୍ତିକରି ଏକ ଭାଗ ଛତୁ ମଞ୍ଜିକୁ ଚାରିପଟେ ଦିଆଯାଏ ।

ଏହିପରି ଭାବେ ୪ ସ୍ତର ନଡା ଏବଂ ମଞ୍ଜି ଦେଇସାରିଲା ପରେ ପଲିଥିନର ଉପର ଭାଗକୁ ରବର ଦ୍ୱାରା ବାନ୍ଧିଦିଆଯାଏ ଏବଂ ୧୫-୨୦ଟି କଣା କରିଦିଆଯାଏ । ପ୍ରସ୍ତୁତ କରାଯାଇଥିବା ବ୍ୟାଗଗୁଡିକୁ ଉପଯୁକ୍ତ ତାପମାତ୍ରା ଏବଂ ଆର୍ଦ୍ରତାରେ ଫିମ୍ପି ମାଡିବା ପାଇଁ ଛାଡିଦିଆଯାଏ । ପ୍ରାୟ ୨୦ ଦିନ ବେଳକୁ ବ୍ୟାଗରେ ଫିମ୍ପି ସମ୍ପୂର୍ଣ୍ଣ ମାଡିଯାଏ । ଏହାପରେ ବ୍ୟାଗର ଉପର ଭାଗକୁ ଖୋଲି ଦିଆଯାଏ । ପଲିଥିନ ଖୋଲିବା ପରେ ସେଥିରେ ୨ ଇଞ୍ଚ ବହଳର କେସିଙ୍ଗ ଦିଆଯାଏ । କେସିଙ୍ଗ ପାଇଁ ସମ ପରିମାଣର ମାଟି ଏବଂ ପୁରୁଣା ଗୋବରଖତକୁ ମିଶାଇ ଗରମ ବାଷ୍ପଦ୍ୱାରା ବିଶୋଧତ କରାଯାଏ । ଏହାପରେ ପ୍ରତି ବ୍ୟାଗରେ ୫୦୦ ଗ୍ରାମର କେସିଙ୍ଗ ଦିଆଯାଏ ଏବଂ ସେଥିରେ ହାଲକା ଭାବେ ପାଣି ସିଞ୍ଚନ କରାଯାଏ । ଯେପରିକି କେସିଙ୍ଗ ଧୋଇହୋଇ ପଲିଥିନର ତଳକୁ ଚାଲିନଯିବ । କେସିଙ୍ଗ ଯେପରି ଶୁଖିନଯାଏ ସେଥିପ୍ରତି ଧ୍ୟାନ ଦେବାକୁ ପଡେ । କେସିଙ୍ଗ ଦେବାର ୧୦ ଦିନ ପରେ ଛତୁର କଢ଼ମାନ ଦେଖାଯାଏ । ଯଦିଓ ଅଳ୍ପ ପରିମାଣର ଛତୁ କଢ଼ ଆସିଥାଏ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଶୁଖିଯାଏ ଏବଂ ଅବଶିଷ୍ଟ କଢ଼ ଧିରେ ଧିରେ ବୃଦ୍ଧି ପାଇ ଛତୁରେ ପରିଣତ ହୁଅନ୍ତି । ପ୍ରଥମ ପର୍ଯ୍ୟାୟରେ ଛତୁ ଅମଳ କରିସାରିଲା ପରେ କେସିଙ୍ଗ ଉପରେ ଥିବା ମଲା କଢ଼ ଛତୁକୁ ଏକ ଛୁରୀ ଦ୍ୱାରା ଚାଂଛି ଦିଆଯାଏ ଏବଂ ଆବଶ୍ୟକୀୟ ଆର୍ଦ୍ରତା ବଜାୟ ରଖିବାକୁ ପଡେ । ପରବର୍ତ୍ତୀ ଅବସ୍ଥାରେ ଦ୍ୱିତୀୟ ପର୍ଯ୍ୟାୟ ଛତୁ ଅମଳ ଯୋଗ୍ୟ ହୁଏ । ଏହିଭଳି ଭାବେ ଏକ ବ୍ୟାଗରୁ ୧କେ.ଜି.ରୁ ୧.୫କେ.ଜି. ପର୍ଯ୍ୟନ୍ତ ଛତୁ ଉତ୍ପାଦନ ହୁଏ ।

ଆୟବ୍ୟୟ ଅଟକଳ:

ଏକ ବ୍ୟାଗ ପ୍ରସ୍ତୁତ କରିବା ପାଇଁ ନିମ୍ନମତେ ଖର୍ଚ୍ଚ ହୋଇଥାଏ ।

ନଡ଼ା - ୧.୫ କିଲୋଗ୍ରାମ୍	- ଟ ୭.୫୦
ବିହନ- ୨୦୦ ଗ୍ରାମ୍	-ଟ. ୧୨.୦୦
ପଲିଥିନ - ୧ଟା	-ଟ. ୩.୦୦
ଅନ୍ୟାନ୍ୟ ଖର୍ଚ୍ଚ	-ଟ. ୧୭.୫୦
(ବିଶୋଧନ, ମଜୁରୀ)	
ମୋଟ ଖର୍ଚ୍ଚ-	- ଟ. ୪୦.୦୦୦
ହାରାହାରି ଅମଳ ୧ କେ.ଜି.	
ବିକ୍ରୟ ମୂଲ୍ୟ	- ୨୦୦. ୦୦ ଟଙ୍କା
ଲାଭ -୨୦୦.୦୦-୪୦.୦୦	=ଟ.୧୬୦.୦୦

ଏକ ହଜାର ବର୍ଗଫୁଟ ଜାଗାରେ ଛତୁ ଚାଷ କରି ଜଣେ ୨ ମାସ ମଧ୍ୟରେ ୧.୫୦.୦୦୦ ରୁ ୧.୬୦.୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବ ।

ଦୁଧଛତୁ ଚାଷ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ :

ଛତୁ ଚାଷ ପାଇଁ ଶୁଖିଲା ନଡା ଆବଶ୍ୟକ । ଯାହାକି ଅତି କମ୍ରେ ୩ ମାସ ପୁରୁଣା ହୋଇଥିବା ଦରକାର । ବ୍ୟବହାର କରିବା ପୂର୍ବରୁ ନଡାକୁ ବିଶୋଧନ କରିବା ନିହାତି ଆବଶ୍ୟକ । କେସିଙ୍ଗ ପାଇଁ ମାଟି ସହିତ ପୁରୁଣା ଖତ ଦେବା ଆବଶ୍ୟକ । କେସିଙ୍ଗ ବ୍ୟବହାର କରିବା ପୂର୍ବରୁ ବିଶୋଧନ କରିବା ଅତି ଆବଶ୍ୟକ ।

ପ୍ରଥମ ଥର ଛତୁ ଅମଳ ପରେ କେସିଙ୍ଗର ଉପରସ୍ତରକୁ ଛୁରି ଦ୍ୱାରା ସଫା କରିବା ଆବଶ୍ୟକ । କେସିଙ୍ଗ ପାଇଁ ବ୍ୟବହାର ପଦାର୍ଥ ଯେପରିକି ଅତି ଚିକଣିଆ ନ ହେବ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ, ନଚେତ୍ ଛତୁ ବାହାରିବାରେ ସମସ୍ୟା ହୋଇଥାଏ । କେସିଙ୍ଗ ଯେପରି ଶୁଖି ନଯିବ ସେଥିପ୍ରତି ଧ୍ୟାନ ଦେବା ଉଚିତ୍ ।

Published by:
All India Co-ordinated Research Project on Mushroom, Department of Plant Pathology, College of Agriculture, OUAT, Bhubaneswar
Printed at: Omm Maa Mangala Press, BBSR., Cell : 9861248305

ବିଷୟ: ଇ.ଏମ୍.ଟି ମଡ୍ୟୁଲର ଉପକ୍ରମଣିକା

ଉଦ୍ଦେଶ୍ୟ:

- ପ୍ରଶିକ୍ଷାର୍ଥୀମାନଙ୍କୁ ଇ.ଏମ୍.ଟି ମଡ୍ୟୁଲ ସହିତ ସଂଯୋଗୀକରଣ
- ପ୍ରଶିକ୍ଷାର୍ଥୀମାନଙ୍କୁ ଇ.ଏମ.ଟି ମଡ୍ୟୁଲର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହିତ ଯୋଡ଼ିବା

ମାଧ୍ୟମ: ପ୍ରଶ୍ନୋତ୍ତର ଓ ସଂକ୍ଷିପ୍ତ ଭାଷଣ
ସମୟ: ୧ ଘଣ୍ଟା

ସୋପାନ: ପ୍ରଶିକ୍ଷଣ ତାଲିମାର୍ଥୀମାନଙ୍କ ସହିତ ପରିଚିତ ହୋଇସାରିବା ପରେ ଗତ ଦିବସର ଆଲୋଚ୍ୟ ବିଷୟ ପଚାରି ବୁଝିବେ । ଯେଉଁଥିରେ କି ଓ.ପେକ୍ରା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବୁଝାଯାଇଥାଏ । ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିବା ସମୟରେ ଅନେକ ସମୟରେ ପ୍ରଶିକ୍ଷାର୍ଥୀମାନେ ଏହାକୁ ସଠିକ୍ ଢଙ୍ଗରେ ଉପସ୍ଥାପିତ କରିପାରି ନଥାନ୍ତି । ତେଣୁ ପ୍ରଶିକ୍ଷକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବୁଝାଇବା ଆବଶ୍ୟକ ଏବଂ ଏହାକୁ ସଂଯୋଗୀକରଣ କରି ପ୍ରଶିକ୍ଷକ ତାଲିମାର୍ଥୀମାନଙ୍କୁ ଗୋଟିଏ ପ୍ରଶ୍ନ ପଚାରିବେ ।

ପ୍ର: ଗୋଟିଏ ଉଦ୍ଦ୍ୟୋଗକୁ ଆରମ୍ଭ କରି ତାହାକୁ ଆଗକୁ ନେବାକୁ ହେଲେ କେଉଁ ଜିନିଷ ଗୁଡ଼ିକର ଆବଶ୍ୟକତା ରହିଅଛି ? ଏହି ପ୍ରଶ୍ନର ଉତ୍ତରରେ ତାଲିମାର୍ଥୀମାନେ ଉଦ୍ଦ୍ୟୋଗ ନିମନ୍ତେ ଆବଶ୍ୟକ ହେଉଥିବା ଅନେକଗୁଡ଼ିଏ ଜିନଷର ନାମ କହିଥାନ୍ତି । ଯେପରିକି ଘର, ଉପକରଣ, ପରିବହନ, ବଜାର ବ୍ୟବସ୍ଥା ଇତ୍ୟାଦି.. । ତାଲିମାର୍ଥୀମାନେ କହୁଥିବା କଥାଗୁଡ଼ିକୁ ପ୍ରଶିକ୍ଷକ ଧଳାବୋର୍ଡରେ ବିଭିନ୍ନ ଥାକରେ ଲେଖିବ୍ । ସହିତ ଆବଶ୍ୟକତା ସହତ ସଂଯୋଗୀକରଣ କରିଥାନ୍ତି । ଏହି ଥାକଗୁଡ଼ିକର ମୂଳ ଆବଶ୍ୟକତା ସହିତ ଯୋଡ଼ି ପ୍ରତିଟି ଥାକ ନିମନ୍ତେ ଏକ "M" ଅକ୍ଷର ଜିନିଷ ସହିତ ଯୋଡ଼ିଥାନ୍ତି । ଯେପରିକି ବ୍ୟକ୍ତି/କର୍ମଚାରୀ- Man power

ଅର୍ଥ/ଟଙ୍କା- Money
ଉପକରଣ- Material
ବଜାର ବ୍ୟବସ୍ଥା- Market
ଯନ୍ତ୍ରପାତି- Mechine

ଏହାପରେ ପ୍ରତିଟି ଶବ୍ଦର ମୂଳ ଅକ୍ଷର 'M' କୁ ସଂଯୋଗ କରି ୫ ଉଦ୍ୟୋଗ ନିମନ୍ତେ "ପାଞ୍ଚ 'M'" କୁ ଯୋଡ଼ିଥାନ୍ତି । ସାଧାରଣତଃ ଅଧିକାଂଶ କ୍ଷେତ୍ରରେ ପରିଚାଳନା (MANAGEMENT) କଥା କହିନଥାନ୍ତି । ସେପରିସ୍ଥଳେ ପ୍ରଶିକ୍ଷକ ଗୋଟିଏ ଛୋଟିଆ ଉଦାହରଣ ଦେଇ ପରିଚାଳନା ଆବଶ୍ୟକତାକୁ ତାଲିମାର୍ଥୀମାନଙ୍କ ନିକଟରୁ ଆଣିଥାନ୍ତି । ଯେପରିକି
ଉଦାହରଣ: ଆମେ ବିରିୟାନି କରିବା ନିମନ୍ତେ ଭଲ ଚାଉଳ, ମସଲା ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷକୁ ରୋଷେଇଆ ନିକଟରେ ରଖିଦେବା ମାତ୍ର ରୋଷେଇଆ କାହାପରେ କଣ ପକାଇବ ଜାଣିନଥିବ ତେବେ ସେ ଏହାକୁ କରି ।ରିବ କି ? ଏହିଭଳି ସେମାନଙ୍କର ଦୈନଦିନର କାମର ଉଦାହରଣରୁ ପରିଚାଳନାର ଆବଶ୍ୟକତାକୁ ଆଣି ଶେଷ 'M' ସହିତ ପ୍ରଶିକ୍ଷକ ଯୋଡ଼ିଥାନ୍ତି ।

ସୋପାନ ୩: ଗୋଟିଏ ଉଦ୍ଯୋଗର ପରିଚାଳନା କହିଲେ କେଉଁ କେଉଁ ଜିନିଷର ପରିଚାଳନାର ଆବଶ୍ୟକତା ରହିଥାଏ ? ପ୍ରଶ୍ନଟିର ଉତ୍ତରରେ ତାଲିମାର୍ଥୀମାନେ ବିଭିନ୍ନ ପ୍ରକାର ଜିନିଷର ଚରିଚାଳନା କଥା ଉପସ୍ଥାପିତ କରିଥାନ୍ତି । ଯଥା

- ❖ କ୍ରୟ ବିକ୍ରୟର ପରିଚାଳନା
- ❖ ଉତ୍ପାଦିତ ଦ୍ରବ୍ୟର ଗୁଣାବତ୍ତାର ପରିଚାଳନା
- ❖ କର୍ମଚାରୀ ବା ଶ୍ରମଶକ୍ତିର ପରିଚାଳନା ଆଦି ଉପସ୍ଥାପିତ କରିଥାନ୍ତି ।

ପ୍ରଶିକ୍ଷକ ସବୁଗୁଡ଼ିକୁ ଧଳାବୋର୍ଡରେ ଲେଖିବା ଆବଶ୍ୟକ । ଅଧିକାଂଶ କ୍ଷେତ୍ରରେ ସେମାନେ ଉଦ୍ଯୋଗୀର ବ୍ୟକ୍ତିଗତ ପରିଚାଳନା କଥା କହିନଥାନ୍ତି ? ସେହି କ୍ଷେତ୍ରରେ ପ୍ରଶିକ୍ଷକ ବ୍ୟକ୍ତିଗତ ପରିଚାଳନାରୁ ଆବଶ୍ୟକତାକୁ ଛୁଇଁବା ଭଳି ଉଦାହରଣ ଦେବା ସହିତ ପ୍ରଶ୍ନୋତ୍ତର ମାଧ୍ୟମରେ ବ୍ୟକ୍ତିଗତ ପରିଚାଳନାର ଆବଶ୍ୟକତା ଓ ଏହାର ଉପଯୋଗୀତାକୁ ତାଲିମାର୍ଥୀମାନଙ୍କ ଠାରୁ ଆଣିଥାନ୍ତି ।

ପ୍ରଶ୍ନାବଳୀ: ଜଣେ ନାବିକ ସମୁଦ୍ର ମଧ୍ୟରେ ଲକ୍ଷ ସ୍ଥିର ନ କରି ନୌକା ଚାଳନା କରେ ତେବେ ତାର ସ୍ଥିତି କଣ ହେବ ? ଠିକ୍ ସେହିପରି ଜଣେ ଉଦ୍ଯୋଗୀ ଯଦି ନିଜର ଲକ୍ଷ୍ୟର ସ୍ଥିର ନରହି ବାରମ୍ବାର ଲକ୍ଷ୍ୟ ପରିବର୍ତ୍ତନ କରେ ତେବେ ତାର ସ୍ଥିତି କ'ଣ ହେବ

ସୋପାନ ୪ : ପ୍ରଶିକ୍ଷାର୍ଥୀମାନେ ବ୍ୟକ୍ତିଗତ ପରିଚାଳନାର ଆବଶ୍ୟକତାକୁ ଅନୁଭବ କଲାପରେ ପ୍ରଶିକ୍ଷକ ଇ.ଏମ୍.ଟି ମଡ୍ୟୁଲର ଲକ୍ଷ ଓ ଉଦ୍ଦେଶ୍ୟକୁ ବୁଝାଇବା ସହିତ ଏହାକୁ ବିଷୟ ସଂଯୋଗୀ କରଣ କରିଥାନ୍ତି । ଏହି ବିଷୟ ସଂଯୋଗୀକରଣ ଗୋଟିଏ ଟ୍ରେଡ୍‌ଠାରୁ ଅନ୍ୟ ଗୋଟିଏ ଟ୍ରେଡ୍ ଭିନ୍ନ ହୋଇଥାଏ । ତେଣୁ ପ୍ରଶିକ୍ଷକ ଯେଉଁ ଟ୍ରେଡିର ଅଧିବେଶନ ନେଇଥାନ୍ତି ସେହି ବିଷୟକୁ ଆଧାର କରି ପ୍ରଶ୍ନ ଓ ଉଦାହରଣ ଚୟନ କରିବା ଆବଶ୍ୟକ ।

ବିଷୟ: ଦୃଷ୍ଟିଭଙ୍ଗୀ (Perception)

ଉଦ୍ଦେଶ୍ୟ:

- ଜଣେ ସଫଳ ଉଦ୍ଦ୍ୟୋଗୀ ହେବା ପଛରେ ଦୃଷ୍ଟିଭଙ୍ଗୀର ଗୁରୁତ୍ୱକୁ ଉପଲବ୍ଧ କରାଇବା ।
- ସଫଳ ଉଦ୍ଦ୍ୟୋଗୀ ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରଣ ଅତ୍ୟନ୍ତ ଜରୁରୀ ଓ ସେହି ପରିପ୍ରେକ୍ଷୀର ଦୃଷ୍ଟିଭଙ୍ଗୀର ଭୂମିକାକୁ ଅବଗତି କରାଇବା ।

ମାଧ୍ୟମ: ଚିତ୍ର ପ୍ରଦର୍ଶନ ଓ ତାହାର ବିଶ୍ଳେଷଣ

ଉପକରଣ: ପ୍ରୋଜେକ୍ଟର ଓ ଦୃଷ୍ଟିଭଙ୍ଗୀ କ୍ଷେତ୍ରରେ ବ୍ୟବହୃତ ଦୃଶ୍ୟାବଳୀ

ସମୟ: ୧ ଘଣ୍ଟା

ସୋପାନ ୧ : ପ୍ରଶିକ୍ଷଣ ବ୍ୟକ୍ତିଗତ ପରିଚାଳନା କ୍ଷେତ୍ରରେ ଦୃଷିଭଙ୍ଗୀର ଗୁରୁତ୍ୱ ବୁଝାଇବାକୁ ଯାଇ ଏକ ଚିତ୍ର ଦେଖାଇବେ । ଯେଉଁ ଚିତ୍ରରେକି ଭିନ୍ନ ଭିନ୍ନ ୨ଗୋଟି ଚିତ୍ର (ବୁଢ଼ି ଓ ଝିଅ) ଏପରି ଦେଖାଯାଇଥାଏ । ଯେଉଁଥିରେ ହଠାତ୍ ଜଣେ ୧ଗୋଟି ଚିତ୍ରକୁ ଚିହ୍ନିତ କରିଥାନ୍ତି । ଏହି ଚିତ୍ରରେ କିଏ କଣ ଦେଖୁଛନ୍ତି ପ୍ରଶିକ୍ଷକ ତାଲିମାର୍ଥୀମାନଙ୍କୁ ପଚାରି ବୁଝିବେ । କେତେକ ଏହାକୁ ଝିଅର ଚିତ୍ର କହିଲା ବେଳେ କିଛି ପ୍ରଶିକ୍ଷାର୍ଥୀ ଏହାକୁ ବୁଢ଼ୀର ଚିତ୍ର ବୋଲି କହିଥାନ୍ତି । ମାତ୍ର ଖୁବ କମ୍ ଲୋକ ଏଥିରେ ଉଭୟ ବୁଢ଼ୀ ଓ ଝିଅର ଚିତ୍ର ଥିବା କହିଥାନ୍ତି ।

ସୋପାନ ୨ : ଚିତ୍ର ଉପରେ ସ୍ପଷ୍ଟତା ଆଣିବାକୁ ଯୁବ ପ୍ରଶିକ୍ଷକ ତାଲିମାର୍ଥୀମାନଙ୍କୁ ମଧ୍ୟରୁ ଯେଉଁମାନେ ଝିଅଚିତ୍ର କହିଥାନ୍ତି ସେମାନଙ୍କ ମଧ୍ୟରୁ ଜଣଙ୍କୁ ଓ ବୁଢ଼ୀ ଚିତ୍ର କହିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଡାକି ସେମାନଙ୍କୁ ବୁଢ଼ୀ ଓ ଝିଅର ଅଙ୍ଗଗୁଡ଼ିକୁ ଦର୍ଶାଇବାକୁ କହିଥାନ୍ତି । ଠିକ୍ ସେହିପରି ଚିତ୍ରଟିରେ ଉଭୟ ବୁଢ଼ୀ ଓ ଝିଅର ଚିତ୍ର ଚିହ୍ନଟ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣଙ୍କୁ ଡାକି ଚିତ୍ର ଦୁଇଟିକୁ ଚିହ୍ନଟ କରିବାକୁ କହିଥାନ୍ତି । ତିନିଥରର ଆଲୋଚନା ପରେ ମଧ୍ୟ କିଛି ପ୍ରଶିକ୍ଷାର୍ଥୀ ଚିତ୍ରଟିରେ ଦୁଇଗୋଟି ଚିତ୍ରଥିବା ଗ୍ରହଣ କରିପାରି ନଥାନ୍ତି ଓ ନିଜେ କହିଥିବା କଥାଟି ଉପରେ ଅଡ଼ି ବସିଥାନ୍ତି ।

ସୋପାନ ୩ : ଏହାପରେ ପ୍ରଶିକ୍ଷକ ନିଜେ ସ୍ପଷ୍ଟ ଭାବରେ ବୁଝାଇ ଦେଇଥାନ୍ତି । ଏହାପରେ ପ୍ରଶିକ୍ଷକ ଚିତ୍ର ୨ଟିକୁ ଦୃଷ୍ଟିଭଙ୍ଗୀର ଭିନ୍ନତାକୁ ନେଇଥିବା ଅନ୍ୟ ଚିତ୍ରଗୁଡ଼ିକୁ ଦେଖାଇ ତାହାର ବିଶ୍ଳେଷଣ ସମାନ ଢଙ୍ଗର କରାଇଥାନ୍ତି ।

ସୋପାନ ୪ : ଚିତ୍ରଗୁଡ଼ିକୁ ଦେଖାଇ ସାରିବା ପରେ ପ୍ରଶିକ୍ଷକ କାହିଁକି ଏପରି ଘଟେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନମାନଙ୍କୁ ପଚାରି ଉତ୍ତର ଗୁଡ଼ିକୁ ବୋର୍ଡରେ ଲେଖାଥାନ୍ତି ଓ ସେଗୁଡ଼ିକୁ ଦୃଷ୍ଟିଭଙ୍ଗୀ ସହିତ ସଂଯୋଗୀକରଣ କରିଥାନ୍ତି ।

ସୋପାନ ୫: ଦୃଷ୍ଟିଭଙ୍ଗୀର ଉଦ୍ଦ୍ୟୋଗୀଙ୍କ ମନୋଭାବ ସହିତ ସମ୍ପର୍କକୁ ଯୋଡ଼ିବା ସହିତ ଏହା କିଭଳି ଲକ୍ଷ୍ୟ ଓ ଉଦ୍ଦ୍ୟୋଗକୁ ପ୍ରଭାବିତ କରିଥାଏ । ତାହାକୁ ପ୍ରଶିକ୍ଷକ କିଛି ଉଦାହରଣ ସହିତ ବୁଝାଇଥାନ୍ତି । ଏହି ଉଦାହରଣଗୁଡ଼ିକ ଗୋଟିଏ ଟ୍ରେଡ୍ (ଉଦ୍ୟୋଗ)ରୁ ଅନ୍ୟ ଟ୍ରେଡ୍ ଭିନ୍ନ ହୋଇଥାଏ । ସେଥିପାଇଁ ବିଷୟ ସଂଯୋଗୀକରଣ ସମୟରେ ପ୍ରଶିକ୍ଷକ ତାଲିମ କରୁଥିବା ଟ୍ରେଡ୍ (ଉଦ୍ୟୋଗ)କୁ ଦୃଷ୍ଟିରେ ରଖି ଉଦାହରଣ ଦେବା ଆବଶ୍ୟକ । ଯାହାକି ପ୍ରଶିକ୍ଷାର୍ଥୀମାନଙ୍କର ମନକୁ ଛୁଇଁବା ସହିତ ସେମାନେ ଏହାକୁ ଅନୁଭବ ସ୍ତରକୁ ନେଇଥାନ୍ତି ଓ ବିଷୟ ସଂଯୋଗୀକରଣ କରିପାରିଥାନ୍ତି ।

ବିଷୟ: ଉଦ୍ୟୋଗୀଙ୍କର ଉଦ୍ୟୋଗୀତା ସଂକ୍ରାନ୍ତିୟ ବ୍ୟବହାରିକ ଦକ୍ଷତାର ଚିହ୍ନଟି କରଣ

ଉଦ୍ଦେଶ୍ୟ:

- ପ୍ରଶିକ୍ଷାର୍ଥୀମାନଙ୍କର ବି ଦପୂର୍ଣ୍ଣ ଦାୟିତ୍ୱ ତୁଲାଇବାର ଦକ୍ଷତାକୁ ମାପିବା
- ଗୋଟିଏ ଦାୟିତ୍ୱ ତୁଲାଇବା ସମୟରେ ନିଜସ୍ୱ ତଥା ଅନ୍ୟମାନଙ୍କର ଅନୁଭୂତିରୁ ଶିକ୍ଷା ଗ୍ରହଣ ଓ ତାହାର କାର୍ଯ୍ୟକାରିତାର ମନୋଭାବରୁ ପରଖିବା ।
- ସଫଳତା ଓ ବିଫଳତା କ୍ଷେତ୍ରରେ ଉଦ୍ଯୋଗୀମାନଙ୍କର ମନୋଭାବକୁ ଲକ୍ଷ୍ୟ କରିବା ଓ ମତାମତ ପ୍ରଦାନ କରିବା ।
- ଲକ୍ଷ୍ୟ ହାସଲ କ୍ଷେତ୍ରରେ ଥିବା କୌଶଳଗୁଡ଼ିକ ସମ୍ବନ୍ଧରେ ଅବଗତ କରାଇବା ।

ମାଧ୍ୟମ: ରିଙ୍ଗ (ବଳା) ଓ ଟସ୍ (ଖୁଣ୍ଟି) ଅନୁଶୀଳନ, ଦଳଗତ ଆଲୋଚନା, ଲିଖିତ ପତ୍ରିକା ବଣ୍ଟନ କରିବା ।

ଉପକରଣ: ଲୁହାର ୮ ଇଞ୍ଚର ବଳା, ୧.୫ ଫୁଟର ଚଟାଣ ସହିତ ଖୁଣ୍ଟି "୬"+ "୬"ର ୧ ଠାରୁ ୧୦ ପର୍ଯ୍ୟନ୍ତ ସଂଖ୍ୟାବୋର୍ଡ, ପ୍ରଶିକ୍ଷାର୍ଥୀମାନେ ହାସଲ କରୁଥିବା ସଂଖ୍ୟା ଲେଖିବା ଫର୍ମ ।

ସମୟ: ୪ ଘଣ୍ଟା

ସୋପାନ ୧: ଏହାର ପୂର୍ବ ଅଧିବେଶନରେ ପ୍ରଶିକ୍ଷାର୍ଥୀମାନଙ୍କ ସହିତ କାର୍ଯ୍ୟହାସଲ ନିମନ୍ତେ ମନୋଭାବ ଓ ଦୃଷ୍ଟିକୋଣ ଉପରେ ଆଲୋଚନା ସହିଥାଏ, ଏହାକୁ ସଂଯୋଗୀକରଣ କରି ପ୍ରଶିକ୍ଷକ ବିଷୟ ସଂଯୋଗୀକରଣ ପୂର୍ବକ ଆଲୋଚ୍ୟ ବିଷୟ ବସ୍ତୁର କାର୍ଯ୍ୟରେ ପ୍ରତିଫଳନ ନିମନ୍ତେ ପ୍ରଶିକ୍ଷାର୍ଥୀମାନଙ୍କୁ ଏକ ଅନୁଶୀଳନ ନିମନ୍ତେ ତାଲିମ ଗୃହର ମଧ୍ୟଭାଗକୁ ଡାକିଥାନ୍ତି ।

ସୋପାନ ୨: ଅନୁଶଳନର ପ୍ରକ୍ରିୟାକୁ ଆରମ୍ଭ କରିବା ପୂର୍ବରୁ ପ୍ରଶିକ୍ଷକ ତାଲିମ ଗୃହର ସ୍ଥିତିକୁ ଦେଖି ଏକ ଖୋଲା ଜାଗାରେ ଅନୁଶୀଳନର ଉପକରଣଗୁଡ଼ିକୁ ସଜାଡ଼ିଥାନ୍ତି । ଯେଉଁଥିରେ ଟସ ବା ଖୁଣ୍ଟିଟି ସମ୍ମୁଖରେ ରଖା ହୋଇଥାଏ । ଖୁଣ୍ଟି ଠାରୁ ପ୍ରତ୍ୟେକ ୧ ଫୁଟ ବ୍ୟବଧାନରେ ସଂଖ୍ୟା ବୋର୍ଡଗୁଡ଼ିକୁ ୧ ରୁ ୧୦ ପର୍ଯ୍ୟନ୍ତ କ୍ରମାନ୍ୱୟରେ ରଖାଯାଇଥାଏ । ଖେଳର ନିୟମ ବୁଝାଇବାକୁ ଯାଇ ନିଜେ ପ୍ରଶିକ୍ଷକ ୧ ରୁ ୧୦ ଏକ ସ୍ଥାନରୁ ୩ଟି ବଳା ଖୁଣ୍ଟି ଉପରକୁ ପକାଇଥାନ୍ତି । ଏହାପରେ ଶିକ୍ଷକ ଅନୁଶୀଳନର ନିୟମଗୁଡ଼ିକୁ ବୁଝାଇ ଦେଇଥାନ୍ତି । ଯେପରିକି

୧. ଦର୍ଶାଯାଇଥିବା ପ୍ରକ୍ରିୟାରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ନିଜେ ନିର୍ଣ୍ଣୟ କରିଥିବା ସଂଖ୍ୟାର ସ୍ଥାନରୁ ୩ଟି ବଳାକୁ ସମ୍ମୁଖରେ ଥିବା ଖୁଣ୍ଟରେ ପଡ଼ିବା ନିମନ୍ତେ ପକାଇବାକୁ ପଡ଼ିବ ।

୨. ପକାଇବା ପୂର୍ବରୁ ପ୍ରଶିକ୍ଷାର୍ଥୀ ନିଜ ଖାତାରେ ସ୍ଥାନ ଓ କେତୋଟି ବଳା ପକାଇବାରେ ସକ୍ଷମ ହେବେ ଲେଖିବାକୁ ପଡ଼ିବ । ଏହାପରେ ପ୍ରଶିକ୍ଷାର୍ଥୀ ଜଣଙ୍କ ପରେ ଜଣେ ପ୍ରକ୍ରିୟାରେ ଭାଗ ଦେବେ ।

୩. ଗୋଟିଏ ଥର ପକାଇ ସାରିବା ପରେ ପ୍ରଶିକ୍ଷାର୍ଥୀ ସଂଲଗ୍ନ ପତ୍ରିକା ୧ କୁ ପୁରଣ କରିବେ ଓ ନିଜର ନମ୍ବରକୁ ଲେଖିରଖିବେ ।

୪. ଗୋଟିଏ ଥର ସମସ୍ତ ପ୍ରଶିକ୍ଷାର୍ଥୀ ପକାଇ ସାରିବା ପରେ ୨ୟ ଥର । ଅନୁଶୀଳନଟି କରାଯିବ ଏବଂ ୧ମ ଥରର ସମସ୍ତ ପଦକ୍ଷେପ ଓ କ୍ରମାନ୍ୱୟତାକୁ ୨ୟ ଥରରେ ପାଳନ କରାଯିବ । ୨ୟ ଥରରେ ୧ମ ଥର ଭଳି ପ୍ରଶିକ୍ଷାର୍ଥୀମାନଙ୍କୁ ସଂଲଗ୍ନ ପତ୍ରିକା ୨ କୁ ପୁରଣ କରିବାକୁ ପଡ଼ିବ ।

ସୋପାନ **୩:** ନିୟମଗୁଡ଼ିକ ଉପରେ ସମସ୍ତଙ୍କର ସ୍ପଷ୍ଟତା ଆସିବା ପରେ ପ୍ରଶିକ୍ଷକ ଅନୁଶୀଳନଟିକୁ ଆରମ୍ଭ କରିବେ । ପ୍ରତିଟି ଥର ଅନୁଶୀଳନ ପରେ ପ୍ରଶିକ୍ଷକ ସଲଗ୍ନ ପତ୍ରିକା ପୁରଣ ହୋଇଛି ନା ନାହିଁ ପଚାରି ବୁଝିବେ ।

ସୋପାନ **୪:** ୨ଥର ଅନୁଶୀଳନଟି ସରିବା ପରେ ପ୍ରଶିକ୍ଷକ ପୂର୍ବ ପ୍ରସ୍ତୁତ ଡ୍ରଇଁସିଟରେ (ଯେଉଁଥିରେ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କର ନାମ ସହିତ ୨ଥର ଅନୁଶୀଳନ ନିମନ୍ତେ ସେମାନେ ହାସଲ କରିଥିବା ସଂଖ୍ୟା ପାଇଁ ଗାରଟଣା ହୋଇଥାଏ ।) ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କର ହାସଲ କରିଥିବା ସଂଖ୍ୟାକୁ ଲେଖି ତାହାର ସମୀକ୍ଷା କରିବେ । ସମୀକ୍ଷା କଲାବେଳେ ପ୍ରଶିକ୍ଷକ ସମ୍ପୃକ୍ତ ଉଦ୍ଦ୍ୟୋଗୀଙ୍କର ଚିନ୍ତାଧାରା, ଅନୁଭବ, କାର୍ଯ୍ୟାଧାରା, ଦୃଷ୍ଟିଭଙ୍ଗୀ, ମନୋଭାବ ଓ ବିପଦପୂର୍ଣ୍ଣ ଦାୟିତ୍ୱ ତୁଲାଇ ବାର ମନୋଭାବକୁ ଆଧାର କରି ମନ୍ତବ୍ୟ ଦେବେ । ବ୍ୟକ୍ତିଗତ ଭାବରେ ଉଦ୍ଦ୍ୟୋଗୀମାନଙ୍କ ମନୋଭାବ ଓ ବ୍ୟବହାର ଉପରେ ମନ୍ତବ୍ୟ ଦେଲାବେଳେ ପ୍ରଶିକ୍ଷକଙ୍କୁ ୩।୨ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ । ପ୍ରଥମେ କିଛି ସକରାତ୍ମକ ମନ୍ତବ୍ୟ ଦେବାପରେ, ଯେଉଁ ମନୋଭାବ ଓ ବ୍ୟବହାରରେ ପରିବର୍ତ୍ତନ ଆବଶ୍ୟକତା ରହିଥାଏ । ତାହା ଉପରେ ମନ୍ତବ୍ୟ ଦିଆଯାଇଥାଏ । ଅନେକ ସମୟରେ ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ବ୍ୟବହାରର ସମୀକ୍ଷାକୁ ନାପସନ୍ଦ କରିଥାନ୍ତି ଓ କେତେକ କ୍ଷେତ୍ରରେ ସେମାନେ ଏହାର ଦୃଢ଼ ପ୍ରତିବାଦ କରିଥାନ୍ତି ଏବଂ ବେଳେବେଳେ ଏହା ଦ୍ୱନ୍ଦାତ୍ମକ ପରିସ୍ଥିତି ସୃଷ୍ଟି କରେ । ତେଣୁ ଏହି ସବୁ ସ୍ଥିତିକୁ ଏଡ଼େଇ ଯିବା ଆବଶ୍ୟକ ଓ ସେଥିପାଇଁ ପ୍ରଥମରୁ ପ୍ରଶିକ୍ଷକ ସ୍ପଷ୍ଟ ଭାବରେ କହିରଖିବା ଆବଶ୍ୟକ କି ଯାହାକି ସେ ସମୀକ୍ଷା ବା ବିଶ୍ଳେଷଣ କରିବାକୁ ଯାଉଛନ୍ତି ତାହା ପ୍ରଶିକ୍ଷାର୍ଥୀ ସେମାନଙ୍କର ପ୍ରଦତ୍ତ ସଲଗ୍ନ ପତ୍ରିକା ପୂରଣ ଉପରେ ଆଧାରିତ ଅଟେ । ଯେଉଁମାନେ ଚାହିଁବେ ସେମାନେ ଏହାକୁ ଗ୍ରହଣ କରି ନିଜକୁ ବଦଳାଇ ପାରିବେ ଆଉ ଯେଉଁମାନେ ଚାହିଁବେ ନାହିଁ ସେମାନେ ଏହାକୁ ଗ୍ରହଣ ନ କରିପାରନ୍ତି । କଳାଟି କେଉଁ ସ୍ଥାନରୁ ପକାଇବା ଯେପରି ସେମାନଙ୍କର ଇଚ୍ଛାଧିନ ଥିଲା ଠିକ୍ ସେହି ରି ମତାମତକୁ ଗ୍ରହଣ କରିବା ବା ନ କରିବା ଏହା ତାଙ୍କର ସମ୍ପନ୍ନ ଇଚ୍ଛାଧିନ ଅଟେ ।

ସୋପାନ **୫:** ବ୍ୟକ୍ତିଗତ ହାସଲ କରିଥିବା ସଂଖ୍ୟାର ସମୀକ୍ଷା ପୂର୍ବରୁ ପ୍ରଶିକ୍ଷକ ପକାଉଥିବା ସ୍ଥାନର ସଂଖ୍ୟାଗୁଡ଼ିକର ହାସଲ କରିଥିବା ସଂଖ୍ୟାର ସମ୍ପର୍କକୁ ଯୋଡ଼ି ଆଲୋଚନା କରିବେ । ଚୟନ ସ୍ଥାନର ମହତ୍ୱ ଦର୍ଶାଇବାକୁ ଯାଇ ପ୍ରତିଟି ସ୍ଥାନର ଅର୍ଥକୁ ବୁଝାଇ ଦେବେ ।

ଯେପରିକ

୧. କୌଣସି ବିପଦ ନାହିଁ
୨. ସ୍ୱଳ୍ପ ବିପଦ
୩. କିଛି ବିପଦ
୪ ଓ ୫. ମଧ୍ୟମ ବିପଦ
୬ ଓ ୭. ମଧ୍ୟମଠାରୁ ଅଧିକ ବିପଦ
୮. ଅଧିକ ବିପଦ
୯. ଅଧିକ ବିପଦ ଠାରୁ ଅଧିକ ବିପଦ
୧୦. ସର୍ବାଧିକ ବିପଦ

ଏହାକୁ କାର୍ଡବୋର୍ଡର ରଙ୍ଗ ସହିତ ପ୍ରଶିକ୍ଷକ ଯୋଡ଼ି ଆଲୋଚନା କରି ।ରିବେ ।

ସୋପାନ **୬:** ଜଣେ ବ୍ୟକ୍ତି ବଳାଟି ପକା ଯେଉଁ ସ୍ଥାନ ଚୟନ କରେ ସେଥିରେ ତାର ମନୋଭାବ ଜଡ଼ିତ ହୋଇଥାଏ । ଏହି ମନୋଭାବକୁ କେଉଁମାନେ ପ୍ରଭାବିତ କରିଥାନ୍ତି ବୁଝାବାକୁ ଯାଇ ପ୍ରଶିକ୍ଷକ

(କ) ପରିବାର
(ଖ) ବନ୍ଧୁବାନ୍ଧବ
(ଗ) ସାମାଜିକ ପରିବେଶ
(ଘ) ଶିକ୍ଷା ଓ ଅନ୍ୟାନ୍ୟ ଅନୁଷ୍ଠାନର ପ୍ରଭାବକୁ ଉଦାହରଣ ସହିତ ବୁଝାଇଥାନ୍ତି ।

ସୋପାନ **୭:** ଏହାପରେ ପ୍ରଶିକ୍ଷକ ଏହି ଅନୁଶୀଳନର କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳନ ନିମନ୍ତେ ୩ଟି ପ୍ରଶ୍ନ ଉପରେ କାର୍ଯ୍ୟ କରିବାକୁ ପ୍ରଶିକ୍ଷର୍ଥୀମାନଙ୍କୁ କହିବେ ।

୧. ମୁଁ ମାପିଚୁପି ବିପଦପୂର୍ଣ୍ଣ କାର୍ଯ୍ୟର ଦାୟିତ୍ୱ ନେଇଥାଏ କି ?
୨. ମୁଁ ମୋର ନିଜର ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛୁକ କି ?
୩. ମୁଁ ନିଜକୁ ପରିବର୍ତ୍ତନ କରି ନଜି ର ବିକାଶ କରିବାକୁ ଇଚ୍ଛୁକ କି ?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବାକୁ ସୁଯୋଗ ଦେଇଥାଏ ।

ସୋପାନ **୭:** ଏହାପରେ ପ୍ରଶିକ୍ଷକ ଏହି ଅନୁଶୀଳନର କାର୍ଯ୍ୟକ୍ଷେତ୍ରରେ ପ୍ରତିଫଳନ ନିମନ୍ତେ ୩ଟି ପ୍ରଶ୍ନ ଉପରେ କାର୍ଯ୍ୟ କରିବାକୁ ପ୍ରଶିକ୍ଷର୍ଥୀମାନଙ୍କୁ କହିବେ ।